


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୭ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 17 August 2024
Vol.No. 35 ■ No.221 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଜମ୍ମୁ-କଶ୍ମୀର ଓ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା



ନୂଆଦିଲ୍ଲୀ, ୧୬/୮ : ଜମ୍ମୁ ଓ କଶ୍ମୀର ଏବଂ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା କରିଛନ୍ତି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର। ଜମ୍ମୁ ଓ କଶ୍ମୀରରେ ୩ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ହରିୟାଣାରେ ଗୋଟିଏ ପର୍ଯ୍ୟାୟ ଭୋଟ୍ ଗ୍ରହଣ କରାଯିବ। ଅକ୍ଟୋବର ୪ରେ ଉଭୟ ରାଜ୍ୟର ଭୋଟ୍ ଗଣତି ହେବ। ଜମ୍ମୁ-କଶ୍ମୀରରେ ସେପଟ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୧ ତାରିଖରେ ଭୋଟ୍ ଗ୍ରହଣ ହେବ। ହରିୟାଣାରେ ଅକ୍ଟୋବର ୧ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ଧାରା ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ୨୦୧୪ରେ ଶେଷଥର ପାଇଁ ସେଠାରେ ନିର୍ବାଚନ ହୋଇଥିଲା। ଜମ୍ମୁ-କଶ୍ମୀରରେ ୯୦ଟି ବିଧାନସଭା ଆସନ ଅଛି। ସେଥିରୁ ୭୪ଟି ସାଧାରଣ ବର୍ଗ ପାଇଁ ଥିବା ବେଳେ ୯ଟି ଏସ୍‌ଟି ଓ ୭ଟି ଏସ୍ ?ସି ବର୍ଗ ପାଇଁ ସଂରକ୍ଷିତ ହୋଇଛି। ଏଥର ଜମ୍ମୁ ଓ କଶ୍ମୀରରେ ୮୭.୦୯ ଲକ୍ଷ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୪୪.୪୬ ଲକ୍ଷ ପୁରୁଷ ଓ ୪୨.୬୨ ଲକ୍ଷ ମହିଳା ଭୋଟର ଅଛନ୍ତି। ସେହିପରି ଏହି ଭୋଟରଙ୍କ ମଧ୍ୟରୁ ୨୦.୭ ଲକ୍ଷ ହେଉଛନ୍ତି ଯୁବ ଭୋଟର। ଏଥର ଜମ୍ମୁ ଓ କଶ୍ମୀରରେ ୩.୭୧ ଲକ୍ଷ ଭୋଟର ପ୍ରଥମ ଥର ଭୋଟ୍ ଦେବେ। ତେବେ ଅଗଷ୍ଟ ୨୦ ତାରିଖରେ ଜମ୍ମୁ ଓ କଶ୍ମୀରର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ନିର୍ବାଚନ ପାଇଁ ସେଠାରେ ୧୧ ହଜାର ୮୦୦ଟି ପୋଲିଂ ଷ୍ଟେସନ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି। କଶ୍ମୀରୀ ପ୍ରବାସୀମାନେ ଯେପରି ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ, ସେଥିପାଇଁ ମଧ୍ୟ ନିର୍ବାଚନ କମିଶନ ବ୍ୟବସ୍ଥା କରିଛନ୍ତି। ସେମାନଙ୍କ ପାଇଁ ୨୬ଟି ସ୍ୱତନ୍ତ୍ର ପୋଲିଂ ଷ୍ଟେସନ କରାଯିବ। ଏଥିରୁ ଦିଲ୍ଲୀରେ ୪ଟି, ଜମ୍ମୁରେ ୨୧ଟି ଓ ଉଧାମପୁରରେ ଗୋଟିଏ ହେବ। ଏହି ୨୬ଟି ପୋଲି ଷ୍ଟେସନରେ ୨୩,୫୦୪ କଶ୍ମୀରୀ ପ୍ରବାସୀ ସେମାନଙ୍କ ମତ ସାବ୍ୟସ୍ତ କରିପାରିବେ। ଜମ୍ମୁ ଓ କଶ୍ମୀରରେ ସେପଟ୍ଟେମ୍ବର ୧୮ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୨୪ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ଏଥିପାଇଁ ଅଗଷ୍ଟ ୨୦ ତାରିଖରେ ଗେଜେଟ ନୋଟିଫିକେସନ ଜାରି କରାଯିବ। ଅଗଷ୍ଟ ୨୭ ହେଉଛି ପ୍ରାର୍ଥୀପତ୍ର ଦାଖଲ କରିବାର ▶▶ପୃଷ୍ଠା ୭

## ୱାଇ.ବି ଖୁରାନିଆ ରାଜ୍ୟର ନୂଆ ପୁଲିସ ଡିଜି

ଭୁବନେଶ୍ୱର, ୧୬/୮ (ନି.ପ୍ର): ଚର୍ଚ୍ଚାର ଅନ୍ତ ଘଟିଛି। ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ଯୋଗେଶ ବାହାଦୂର ଖୁରାନିଆ ହେଲେ ଓଡ଼ିଶାର ନୂଆ ପୁଲିସ ଡିଜି। ଖୁରାନିଆଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ଖୁରାନିଆ ଭୁବନେଶ୍ୱର-କଟକ କମିଶନରେଟ ପୁଲିସର କମିଶନର ଓ ନୟାଗଡ଼, ରାଉରକେଲା, ଯାଜପୁର, ମୟୂରଭଞ୍ଜ ଓ ଗଞ୍ଜାମ ଜିଲ୍ଲାର ପୁଲିସ ଏସପି ଭାବେ କାର୍ଯ୍ୟ କରିଛନ୍ତି। ସେ ଉତ୍ତରାଂଚଳ ଓ ଦକ୍ଷିଣାଂଚଳ ଡିଆଇଜି ଏବଂ ବିଜୁ ପଟ୍ଟନାୟକ ପୁଲିସ ପ୍ରଶିକ୍ଷଣ ଏକାଡେମୀର ମଧ୍ୟ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ଏଥିସହ କେନ୍ଦ୍ରକୁ ଯାଇ ଇଫର ସ୍ପେଶାଲ ଡିଜି ମଧ୍ୟ ହୋଇଥିଲେ। ଅଗଷ୍ଟ ୨ ତାରିଖରେ କ୍ୟାବିନେଟ୍ କମିଟି



ଶ୍ରୀ ଖୁରାନିଆଙ୍କ ଡେପୁଟେସନ ଅବଧିକୁ ଆଗୁଆ ସମାପ୍ତ କରି ଓଡ଼ିଶା କ୍ୟାଡ଼ରକୁ ଫେରାଇ ଆଣିଥିଲା। କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଜୁଲାଇ ୨୬ ତାରିଖର ପ୍ରସ୍ତାବ ଆଧାରରେ ବିଏସଏଫ ସ୍ପେଶାଲ ଡିଜି ୧୯୯୦ ବ୍ୟାଚ୍ ଆଇପିଏସ୍ ଶ୍ରୀ ଖୁରାନିଆଙ୍କୁ ତତ୍କାଳ ପ୍ରଭାବରୁ ନିଜ କ୍ୟାଡ଼ର(ଓଡ଼ିଶା)କୁ ଫେରାଇ ଦେବା ପାଇଁ କେନ୍ଦ୍ର ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଅନୁମୋଦନ କରିଥିଲା। ସୂଚନାଯୋଗ୍ୟ, ଏବେ ରାଜ୍ୟରେ ୧୯୯୦ ବ୍ୟାଚ୍ ଆଇପିଏସ୍ ଅରୁଣ କୁମାର ଷଡ଼ଙ୍ଗୀ ଅସ୍ଥାୟୀ ଡିଜି ଭାବେ କାର୍ଯ୍ୟରତ ଅଛନ୍ତି ।

## କୋଟିପତି ଯୋଗାଣ ଅଧିକାରୀ: ୨.୮୬ କୋଟି ଟଙ୍କାର ଜମା ସହିତ ଅଛି କୋଠା, ପ୍ଲଟ, ଜମି

କେନ୍ଦ୍ରାପଡ଼ା, ୧୬/୮ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଥିବା କେନ୍ଦ୍ରାପଡ଼ାର ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଦୀପ ମହାପାତ୍ରଙ୍କର କୋଟି କୋଟି ଟଙ୍କାର ସଂପତ୍ତି ଠାବ କରାଯାଇଛି। ପ୍ରଦୀପଙ୍କର ଭୁବନେଶ୍ୱରର ଲିଙ୍ଗିପୁରରେ ଏକ ଦ୍ୱିମହଲା କୋଠା ଅଛି। କଟକ ମଧୁପାଟଣାରେ ଗୋଟିଏ କୋଠା ଏବଂ ଭୁବନେଶ୍ୱର ଓ କଟକରେ ୨ଟି ପ୍ଲଟ୍ ଅଛି। ଭୁବନେଶ୍ୱରର ଲିଙ୍ଗିପୁର ଓ କଟକର କଲ୍ୟାଣୀ



ନଗରରେ ତାଙ୍କର ଗୋଟିଏ ଲେଖାଏଁ ଜମି ଅଛି। ତାଙ୍କର ଏହି ସବୁ ଘର, ପ୍ଲଟ ଓ ଜମିର ମାପଚୁପ ଓ ମୂଲ୍ୟାୟନ କାର୍ଯ୍ୟ ଭିଜିଲାନ୍ସର ବୈଷୟିକ ଟିମ୍ କରୁଛି। ଏହା ବ୍ୟତୀତ ▶▶ପୃଷ୍ଠା ୭

## ଇତିହାସ ରଚିଲା ଇସ୍ରୋ: ଆର୍ଥ ଅବଜରଭର ସାଟେଲାଇଟ୍ ଇଓଏସ-୦୮ର ସଫଳ ଉତ୍‌କ୍ଷେପଣ

ନୂଆଦିଲ୍ଲୀ, ୧୬/୮ : ମହାକାଶ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଆଉ ଏକ ମାଇଲ ଖୁଣ୍ଟ ସୃଷ୍ଟି କଲା ଇସ୍ରୋ। ମହାକାଶକୁ ଆଉ ଏକ ଆର୍ଥ ଅବଜରଭର ସାଟେଲାଇଟ୍ ପଠାଇ ଇତିହାସ ରଚିଛି ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର। ଏସଏସଏଲଭି – ଡି ଥ୍ରୀ ରକେଟ୍ ଜରିଆରେ ସାଟେଲାଇଟ୍ ରଡଏ-୦୮ର ସଫଳ ଉତକ୍ଷେପଣ କରାଯାଇଛି। ଶ୍ରୀହରିକୋଟା ସ୍ଥିତ ଶତୀଶ ଧୱନ କେନ୍ଦ୍ରରୁ ଇଓଏସ-୦୮ର ସଫଳ ସାଟେଲାଇଟ୍ ଉତକ୍ଷେପଣ




କରାଯାଇଛି। ଏହି ଉପଗ୍ରହ ପୃଥିବୀର କକ୍ଷପଥଠାରୁ ପ୍ରାୟ ୪୭୫ କିଲୋମିଟର ଦୂରରେ ସ୍ଥାପିତ ହେବ। ଏହା ଏକ ବର୍ଷ ପାଇଁ କାମ କରିବ। ଇଓଏସ-୦୮ ଉପଗ୍ରହ ଉତକ୍ଷେପଣର ଉଦ୍ଦେଶ୍ୟ ହେଉଛି ଏହା ପରିବେଶ ଏବଂ ବିପର୍ଯ୍ୟୟ ବିଷୟରେ ସଠିକ୍ ସୂଚନା ପ୍ରଦାନ କରିବ। ଇଓଏସ-୦୮ ଉପଗ୍ରହରେ ତିନୋଟି ପେଲୋଡ୍ ଅଛି। ▶▶ପୃଷ୍ଠା ୭

## ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର: ପ୍ରବଳ ବର୍ଷିବ



ଭୁବନେଶ୍ୱର, ୧୬/୮ (ନି.ପ୍ର): ଉତ୍ତର ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳ ଓ ତତସଲଗ୍ନ ବାଂଲାଦେଶ ଉପକୂଳ ଅଞ୍ଚଳରେ ଆଜି ସକାଳେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଲଘୁଚାପ କ୍ଷେତ୍ରଟି ଅଧିକ ଘନୀଭୂତ ହୋଇ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ଏହାର ପ୍ରଭାବରେ ▶▶ପୃଷ୍ଠା ୭

## ବେଙ୍ଗଲ ସରକାରଙ୍କ ଉପରେ ବର୍ଷିଲେ ହାଇକୋର୍ଟ: ନିର୍ଭୟରେ କାର୍ଯ୍ୟ କରିବାର ପରିବେଶ ସୃଷ୍ଟି କର



ନୂଆଦିଲ୍ଲୀ, ୧୬/୮ : ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ଭଙ୍ଗାରୁଜା ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି କଲିକତା ହାଇକୋର୍ଟ। ରାଜ୍ୟ ପ୍ରଶାସନର ଏହା ସମ୍ପୂର୍ଣ୍ଣ ରୂପେ ବିଫଳତା ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଏପରି ହେଲେ ମହିଳାମାନେ କିପରି ସୁରକ୍ଷିତ ଭାବେ କାର୍ଯ୍ୟ କରିପାରିବେ ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଆରଜି କର ମେଡିକାଲ କଲେଜରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟାକୁ ନେଇ ସ୍ୱାଧୀନତା ଦିବସ ପୂର୍ବ ଦିନ ରାତିରେ ଲକ୍ଷ ଲକ୍ଷ ସଂଖ୍ୟକ ଲୋକ ଆନ୍ଦୋଳନ କରିଥିଲେ। ଏହି ସମୟରେ ପ୍ରାୟ ୭ ହଜାରରୁ ଅଧିକ ଆନ୍ଦୋଳନକାରୀ ମେଡିକାଲ କଲେଜକୁ ଧସେଇ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହ ଭିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଘଟଣା ପରେ ପୁଲିସ ଏକାଧିକ ଭିଡିଓ ଜାରି କରି ୧୯ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିଛି। ଆଜି କଲିକତା ହାଇକୋର୍ଟ ▶▶ପୃଷ୍ଠା ୭

## ମୋଦୀଙ୍କୁ ଫୋନ୍ କଲେ ବାଂଲାଦେଶର ନୂଆ ମୁଖିଆ ମହମ୍ମଦ ୟୁନୁସ୍: ହିନ୍ଦୁମାନଙ୍କର ସୁରକ୍ଷା ନେଇ ଦେଲେ ଆଶ୍ୱାସନା

ନୂଆଦିଲ୍ଲୀ, ୧୬/୮ : ବାଂଲାଦେଶରେ ଶାସନର ପଟ୍ଟ ପରିବର୍ତ୍ତନ ପରେ, ସେଠାରେ ଅନ୍ତରୀଣ ସରକାର ଗଠନ ହେଇସାରିଛି । ହେଲେ ଏବେ ବି ଭାରତର ଏହି ପଡୋଶୀ ଦେଶରେ ହିନ୍ଦୁମାନଙ୍କର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି । ଭାରତ ଏବେ ବି ଏହାକୁ ନେଇ ଚିନ୍ତିତ ଥିବାବେଳେ, କେନ୍ଦ୍ର ସରକାର ମଧ୍ୟ ଏହି ମୁଦ୍ଦାକୁ ଲଗାତାର ଉଠାଇ ଚାଲିଛନ୍ତି । ଆଉ ଏହାରି ଭିତରେ ବାଂଲାଦେଶରେ



ଅନ୍ତରୀଣ ସରକାରରେ ମୁଖ୍ୟ ପରାମର୍ଶଦାତା ଥିବା ମହମ୍ମଦ ୟୁନୁସ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଫୋନ୍ କରି କଥା ହେବା ସହ, ହିନ୍ଦୁମାନଙ୍କର ସୁରକ୍ଷା ପାଇଁ ଆଶ୍ୱାସନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଏନେଇ ଏକ୍ସରେ ପୋଷ୍ଟ ସେୟାର କରିବା ସହ ଲେଖିଛନ୍ତି, ପ୍ରଫେସର ମହମ୍ମଦ ୟୁନୁସଙ୍କ ସହ ଟେଲିଫୋନରେ କଥା ହେଲି । ବାଂଲାଦେଶରେ ଅନ୍ତରୀଣ ସରକାରର ମୁଖ୍ୟ ପରାମର୍ଶଦାତା ବର୍ତ୍ତମାନର ପରିସ୍ଥିତି ଉପରେ ବିଚାରର ଆଦାନପ୍ରଦାନ କଲି । ଗଣତାନ୍ତ୍ରିକ, ସ୍ଥିର, ଶାନ୍ତିପୂର୍ଣ୍ଣ ଓ ପ୍ରଗତିଶୀଳ ▶▶ପୃଷ୍ଠା ୭

## କଂଗ୍ରେସରୁ ଇସ୍ତଫା ଦେଲେ ବିଜୟ ପଟ୍ଟନାୟକ



ଭୁବନେଶ୍ୱର, ୧୬/୮ (ନି.ପ୍ର): କଂଗ୍ରେସ ଛାଡ଼ିଲେ ବିଜୟ ପଟ୍ଟନାୟକ। ଆଜି ସେ କଂଗ୍ରେସ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ମେଲ୍ ମାଧ୍ୟମରେ ସେ ନିଜର ଇସ୍ତଫାପତ୍ର ଏଆଇସିସିକୁ ପଠାଇ ଦେଇଛନ୍ତି। ଇସ୍ତଫା ପରେ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, କୌଣସି ରାଜନୈତିକ ଦଳକୁ ଯିବେନାହିଁ। ଲୋକଙ୍କ ପାଖକୁ ଯିବେ ବୋଲି ସେ କହିଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟଶାସନ ସଚିବ ବିଜୟ ପଟ୍ଟନାୟକ ୨୦୨୩ ମସିହା ଫେବ୍ରୁଆରୀ ମାସରେ କଂଗ୍ରେସରେ ଯୋଗଦେଇଥିଲେ। ଦିଲ୍ଲୀ ଯାଇ ସେ କଂଗ୍ରେସରେ ମିଶିଥିଲେ। କଂଗ୍ରେସରେ ମିଶିବା ପରେ ତାଙ୍କୁ ନୂଆ ଦାୟୀତ୍ୱ ଦିଆଯାଇଥିଲା। ପ୍ରଚାର କମିଟି ଅଧ୍ୟକ୍ଷ କରାଯାଇଥିଲା। ହେଲେ ନିର୍ବାଚନ ପୂର୍ବରୁ ତାଙ୍କୁ ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ବାହାର କରି ଦିଆଯାଇଥିଲା। ଯେଉଁଥିପାଇଁ ସେ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଥିଲା। ୨୦୨୪ ▶▶ପୃଷ୍ଠା ୭

## ଲାଞ୍ଚ ନେଇ ଗିରଫ ହେଲେ ଆଇସିଡିଏସ୍ ସୁପରଭାଇଜର

କନ୍ଧମାଳ, ୧୬/୮ (ନି.ପ୍ର): ଲାଞ୍ଚ ନେଇ ଗିରଫ ହୋଇଛନ୍ତି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଆଇସିଡିଏସ୍ ସୁପରଭାଇଜର ଶୈଳବାଳା ସାହୁ। ଜଣେ ଅଙ୍ଗନବାଡି କର୍ମୀଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଫୁଲବାଣୀ ଭିଜିଲାନ୍ସ ଟିମ୍ ଗିରଫ କରିଛି। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଫୁଲବାଣୀ ଭିଜିଲାନ୍ସ ଡିଏସ୍‌ପି ହେମନ୍ତ କୁମାର ମହାନ୍ତି ଦେଇଥିବା ସୂଚନା ଅନୁସାରେ, ସଲାଗୁଡ଼ା ପଞ୍ଚାୟତର ମୁର୍ଜା ଗ୍ରାମ ସ୍ଥିତ ମିନି ଅଙ୍ଗନବାଡି କେନ୍ଦ୍ରକୁ ଅତିରିକ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପରିଣତ କରିଥିବା ଦର୍ଶାଇ ଅଙ୍ଗନବାଡି କର୍ମୀ ପ୍ରେମଶିଳା କହଁରଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଶୈଳବାଳା ସାହୁ। ପୂର୍ବରୁ ସେ ୫ ହଜାର ଟଙ୍କା ନେଇଥିବା ବେଳେ ଆଜି ଆଉ ୫ ହଜାର ଟଙ୍କା ନେଉଥିବା ବେଳେ ଧରାପଡ଼ିଥିଲେ। ଆଇସିଡିଏସ୍ ସୁପରଭାଇଜର ଶୈଳବାଳା ସାହୁ ଲାଞ୍ଚ ମାଗିଥିବା ନେଇ ଅଙ୍ଗନବାଡି କର୍ମୀ ସଲାଗୁଡ଼ା ସରପଞ୍ଚ ରୋହିତ କହଁରଙ୍କୁ ଜଣାଇଥିଲେ। ଏହା ପରେ ସରପଞ୍ଚ ଏ ସଂପର୍କରେ ଫୁଲବାଣୀ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇଥିଲେ। ▶▶ପୃଷ୍ଠା ୭

## ନାଚ୍ ପକ୍ଷରୁ ୭୮ ତମ ସ୍ୱାଧୀନତା ଦିବସ ପାଳିତ

ବାଲେଶ୍ୱର, ୧୬/୮ (ନି.ପ୍ର): ନାଚ୍ ପକ୍ଷରୁ ୭୮ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବାଲେଶ୍ୱରର ଅଗ୍ରଣୀ ନୃତ୍ୟ କଳା ଓ ସଂସ୍କୃତିର ଅନୁଷ୍ଠାନ ନାଚ୍ ପକ୍ଷରୁ ଏକ ଦେଶାତ୍ମବୋଧକ ଭାବନାରେ ଚିତ୍ର, ସଙ୍ଗୀତ ଓ ନୃତ୍ୟର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୧୧୩ ଜଣ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ସଂଧ୍ୟାରେ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବରେ ରେବତୀର ସମ୍ପାଦିକା ତଥା ବିଧାୟିକା, ବସ୍ତା ସୁବାସିନି ଜେନା ଯୋଗ ଦେଇ ପିଲାମାନଙ୍କ ପାଇଁ




ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଭାବେ ବାଲେଶ୍ୱର ପୌରପାଳିକାର ଅଧକ୍ଷା ଭାବେ ସବିତା ସାହୁ ନିଜର ବକ୍ତବ୍ୟରେ ନାଚର ପ୍ରତିଭା ଚୟନ କାର୍ଯ୍ୟକ୍ରମକୁ ଏକ ସୁନ୍ଦର ଚିନ୍ତାଧାରା ଏବଂ ଏକ ଶୃଙ୍ଖଳିତ ଆୟୋଜନର ପରିକଳ୍ପନା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବିୟତ୍ରି ତଥା ସମ୍ପାଦିକା ସୈରିନ୍ଧ୍ରି ସାହୁ ଏକ ସୁନ୍ଦର ଗଳ୍ପ ମାଧ୍ୟମରେ କୁନି କୁନି ପିଲାମାନେ କିପରି ଭଲ ମଣିଟିଏ ହୋଇ ପାରିବେ ତଥା ନିଜ ନିଜ ପ୍ରତିଭାର ବିକାଶ କରିପାରିବେ ସେ ବିଷୟରେ କହିଥିଲେ। ନାଚ୍‌ର ଏହି ସୁନ୍ଦର ପ୍ରୟାସକୁ ଆଗାମୀ ଦିନରେ ଅଧିକରୁ ଅଧିକ ଲୋକାଭିମୁଖୀ କରିବାକୁ ଅନୁରୋଧ କରିଥିଲେ। ସଂଗଠକ ତଥା ଚନ୍ଦ୍ରଭାଗାର ସମ୍ପାଦକ କବି ଶ୍ରୀ ଦେବ ନାଚର ଭିନ୍ନ ପ୍ରୟାସ ଏକ ଧର୍ଯ୍ୟ ଏବଂ ପ୍ରଗାଢ ଇଚ୍ଛା ଶକ୍ତି ବିନା ଅସମ୍ଭବ ବୋଲି କହିବା ସହିତ ଏହିପରି ପ୍ରୟାସ ଜାରି ▶▶ପୃଷ୍ଠା ୭

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ୭୮ ତମ ସ୍ୱାଧୀନତା ଦିବସ ପାଳିତ




ପାରାଦ୍ୱୀପ, ୧୬/୦୮ (ନି.ପ୍ର): ପାରାଦୀପ ରିଫାଇନରୀରେ ୭୮ ତମ ସ୍ୱାଧୀନତା ଦିବସ ଦେଶପ୍ରେମ ଓ ଉତ୍ସାହ ସହିତ ପାଳନ କରାଯାଇଛି । ଏହି ଅବସରରର ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ, କର୍ପୋରେଟ୍ ଅଫିସ୍ ଏବଂ ଇଣ୍ଡିଆନଅଏଲର ସମସ୍ତ ୟୁନିଟ୍ ସହିତ ଏକଯୁକ୍ତ ହୋଇ ପାରାଦୀପ ରିଫାଇନରୀ ଟାଉନସିପର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ । ସମସ୍ତ ଇଣ୍ଡିଆନ୍ ଅଏଲ୍ ପରିବାର ସହିତ ମିଳିତ ଭାବରେ ପାରାଦୀପ ରିଫାଇନରୀରେ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ କୌଶିକ ବସୁ, ମହାନ ନେତା ତଥା ସ୍ୱାଧୀନତା ସଂଗ୍ରାମୀ, ଯେଉଁମାନେ ଆମ ଦେଶ ପାଇଁ ସ୍ୱାଧୀନତା ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ ଆହୁରି ମଧ କହିଛନ୍ତି ଯେ ପାରାଦୀପ ରିଫାଇନରୀ ଏହି ଅଞ୍ଚଳର ଅନ୍ତର୍ଭୁକ୍ତ ଅଭିବୃଦ୍ଧି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇଛି ଏବଂ ଚଢଚଞ୍ଚଇ, ରଛଟଚ, ପାରାଦ୍ୱୀପ ପେଟ୍ରୋକେମିକାଲ କଂପ୍ଲେକ୍ସ ଭଳି ନୂତନ ପ୍ରକଳ୍ପଗୁଡିକ ଓଡିଶାର ଶିଳ୍ପ ଅଭିବୃଦ୍ଧି କାହାଣୀରେ ଏକ ନୂଆ ପଥ ଆଙ୍କିବ । ଏହି ଅବସରରେ ଶ୍ରୀ କୌଶିକ ବସୁ ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟବହାର ପାଇଁ ୧୦ ଟି ଇ-ରିକ୍ସା ପ୍ରଦାନ କରିଥିଲେ ଯାହା ପାରାଦୀପରେ ପ୍ରଦୂଷଣକୁ ହ୍ରାସ କରିବା ସହିତ ବେକାର ସ୍ଥାନୀୟ ଯୁବକମାନଙ୍କୁ ବିକଳ୍ପ ନିଯୁକ୍ତି ସୁଯୋଗ ପ୍ରଦାନ କରିବ । ଡିପିଏସ୍ ପାରାଦୀପର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନୀ ଆୟୋଜିତ ହୋଇଥୀଲା ।

# ପୁରାତନ ଛାତ୍ର ସଂସଦ ଫକୀର ମୋହନ ମହାବିଦ୍ୟାଳୟର ବୃକ୍ଷରୋପଣ



ବାଲେଶ୍ୱର, ୧୬/୦୮ (ନି.ପ୍ର): ପୁରାତନ ଛାତ୍ର ସଂସଦ ଫକୀରମୋହନ ମହାବିଦ୍ୟାଳୟ ତରଫରୁ ମହାବିଦ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ଅବସରରେ ବୃକ୍ଷରୋପଣ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଦିଲୀପ ବୋଷ ଓ ସଂସଦର ସଭାପତି ଡା. ପ୍ରଭାତ ଚନ୍ଦ୍ର ଚୌଦ୍ୱାର ଗଛ ରୋପଣ କରି ଶୁଭାରମ୍ଭ କରିଥିଲେ। ଏହାପରେ ଉପସଭାପତି ଅନିଲ ପଟ୍ଟନାୟକ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି, ସମ୍ପାଦକ ମଧୁସୂଦନ ବେହେରା, ଅମୃତାଂଶୁ ପଟ୍ଟନାୟକ, ରମାକାନ୍ତ ମହାନ୍ତି, କାର୍ଯ୍ୟକାରୀ କମିଟିର ସଭ୍ୟ ରାମପ୍ରସାଦ ପ୍ରଧାନ, ରାମ ଚନ୍ଦ୍ର ସେଠୀ, ପିତାମ୍ବର ଦାସ ଓ ଶ୍ରୀମତୀ ପ୍ରଣୀତା ମିଶ୍ର ପ୍ରଭୃତି ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷରୋପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପଡ଼ିଆ ଚାରିପଟେ ବୃକ୍ଷରୋପଣ କରାଯିବ ବୋଲି ନିଷ୍ପତ୍ତି ନିଆଗଲା।

# ବିଜେବି ହାଇସ୍କୁଲ ଖେଳ ପଡିଆଠାରେ ୭୮ତମ ସ୍ୱାଧୀନତା ଦିବସ ପାଳିତ




ଖୋର୍ଦ୍ଧା, ୧୬/୦୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ - ୨୦୨୪, ଆଜି ମହା ଆଡମ୍ବର ସହକାରେ ପାଳନ ହୋଇଯାଇଅଛି। ଏଥିରେ ମାନ୍ୟବର ମନ୍ତ୍ରୀ ଡ. ପ୍ରଦିପ ବଳ ସାମନ୍ତ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ନିଜ ଅଭିଭାଷଣରେ କହିଥିଲେ 'ଶତ ସହୀଦର ପୁଣ୍ୟ ଶୋଣିତରେ ଭିଜା ଖୋର୍ଦ୍ଧା ମାଟିର ପାଇକ ବୀରଙ୍କ ଅବଦାନ ଅତୁଳନୀୟ। ଆଜିର ଦିନ ଆମ ସମସ୍ତଙ୍କ ପାଇଁ ଆତ୍ମ ସମୀକ୍ଷାର ଦିନ, ସ୍ୱପ୍ନ ଓ ସଂକଳ୍ପର ଦିନ ।' ସେ ତାଙ୍କ ବକ୍ତବ୍ୟ ରେ ଓଡିଶା ସରକାରଙ୍କ ଜନହିତକର କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ଏହି ମାଟିର ଶେଷ ରାଜା ମୁକୁନ୍ଦ ଦେବ, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ଆଦି ବୀର ସନ୍ତାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗୋଦାବରୀଶ ମହାପାତ୍ର, ଗୋଦାବରୀଶ ମିଶ୍ର, ସଚ୍ଚି ରାଉତରାୟଙ୍କ ଭଳି ଅନେକ ଯଶସ୍ୱୀ ମାନଙ୍କୁ ଜନ୍ମ ଦେଇ ଏହି ମାଟି ମହାନ ହୋଇପାରିଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରାତଃ ୪:୩୦ ମିନଟ ସମୟରେ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ପରିବେଷଣ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନ ମାନଙ୍କରେ ଥିବା ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍କୁଲ ଓ କାର୍ଯ୍ୟାଳୟ ମାନଙ୍କରେ ସକାଳ ୭:୩୦ ରେ ପତାକା ଉତ୍ତୋଳନ କରାଯାଇଥିଲା । ସକାଳ ୯:୧୫ ମିନଟରେ ପ୍ୟାରେଡ ପଡିଆରେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା । ପଦ୍ମବିଭୂଷଣ ସୁଦର୍ଶନ ସାହୁ, ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଅରୁଣା ମହାନ୍ତି, ପ୍ରଭାକର ମହାରଣା ଓ ବିନୋଦ ମହାରଣାଙ୍କୁ ସମ୍ମାନୀତ କରାଯାଇଥିଲା। ଏହା ସହ ଗୁଡ ସମରିଟାନ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ୟାରେଡରେ ଭାଗ ନେଇଥିବା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ୯ ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ୩ ଜଣଙ୍କୁ ଏବଂ ପ୍ରଜ୍ଞାପନ ମେଡରେ ଭଲ ପ୍ରଦର୍ଶନ କରିଥିବା ୨ ଜଣଙ୍କୁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ପୁରସ୍କୃତ କରିଥିଲେ। ଏହି ?କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ମାନ୍ୟବର ବିଧାୟକ ପ୍ରଶାନ୍ତ ଜଗଦେବ , ଜିଲ୍ଲାପାଳ ଚଂଚଳ ରାଣା, ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର, ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ ଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା ପରିଷଦର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା, ଡେପୁଟି କଲେକ୍ଟର ଅନନ୍ୟା ମିଶ୍ର, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଛାତ୍ରଛାତ୍ରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲା ସଦର ମହକୁମାରେ ଥିବା ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ ଏବଂ (ବୃଦ୍ଧାଶ୍ରମ) ବିଶ୍ୱ ଜୀବନ ସେବା କେନ୍ଦ୍ରର ଅନ୍ତେବାସୀଙ୍କୁ ଫଳବଣ୍ଟନ କରାଯାଇଥିଲା।

# ପାଣିକୋଇଲିରେ ବ୍ରଦର୍ସ କ୍ରିଏସନ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ

କୋରାଇ, ୧୬/୦୮ (ନି.ପ୍ର): ପବିତ୍ର ସ୍ୱାଧିନତା ଦିବସ ଅବସରରେ ପାଣିକୋଇଲି ଆଙ୍କୁଲାରୋଡ଼ର ଶିବ ମନ୍ଦିର ନିକଟରେ ବ୍ରଦର୍ସ କ୍ରିଏସନ ନାମରେ ଏକ ଅନୁଷ୍ଠାନ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ କରମଳରେ ଉଦ୍‌ଘାଟିତ ହୋଇଛି। ଗ୍ରାହକଙ୍କ ଚାହିଦା ପୁରଣ ପାଇଁ ଷ୍ଟୁଡିଓ, ଭିଡିଓ ସୁଂଟି ଓ ଏଡିଟିଂ ସହିତ ବିଭିନ୍ନ ଇଂଟରନେଟ୍ କାର୍ଯ୍ୟକ୍ରମ ଏଠାରେ ଉପଲବ୍ଧ ହେବ। ଇଂଟନେଟ ମାଧ୍ୟମରେ କରାଯାଉଥିବା ସମସ୍ତ କାର୍ଯ୍ୟ ଏଠାରେ ହୋଇପାରିବ ବୋଲି ମାଲିକ ମନୋଜ ବେହେରା ଏହି ଅବସରରେ ପ୍ରକାଶ କରିଥିଲେ। ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା, କଳ୍ପତରୁ ମହାପାତ୍ର, ସୀତେଶ ପରିଡ଼ା, ଜହର ଅଲ୍ଲୀ, ଅଶୋକ କୁମାର ବାରିକ, ପ୍ରମୋଦ ବଳଙ୍କ ସମେତ ସ୍ଥାନୀୟ ଅଂଚଳବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସମୂହ କ୍ରିୟାନୁଷ୍ଠାନ କମିଟି ମହାସଂଘ ଆନୁକୂଲ୍ୟରେ ଅଠସ୍ତରୀତମ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର, ୧୬/୦୮ (ନି.ପ୍ର): ବାଲେଶ୍ୱର ଷ୍ଟେସନ ଛକ ନିକଟସ୍ଥ ଓ. ଟି. ରୋଡ ମାର୍କେଟ କମ୍ପ୍ଲେନ ସମୂହ କ୍ରିୟାନୁଷ୍ଠାନ କମିଟି ମହାସଂଘ ଆନୁକୂଲ୍ୟରେ ଅଠସ୍ତରୀତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଯାଇଛି । ସକାଳ ନଅ ଘଟିକା ସମୟରେ ବାଲେଶ୍ୱର ର ମାନ୍ୟବର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଦେଶକୁ ବିକାଶ ପଥରେ ଆଗେଇନେବାପାଇଁ କ୍ଷୁଦ୍ର ବ୍ୟବସାୟୀ ଭାଇ ମାନଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଅଟେ ବୋଲି ପ୍ରକାଶ କରିଛନ୍ତି । ମହାସଂଘର ସମ୍ପାଦକ ପରିଚିତ ସାମାଜିକ କର୍ମୀ ବିରଜା ପ୍ରସାଦ ନାୟକଙ୍କ ପୌରାହିତ୍ୟ ରେ ଅନିଷ୍ଠିତ ଏହି ସ୍ୱାଧୀନତା ଦିବସ ସଭାରେ ବରେଣ୍ୟ ଅତିଥି ଭାବରେ ଯଶସ୍ୱୀ ସମାଜସେବୀ ଶ୍ରୀ ଭଗବାନ ଦାସ ଖଣ୍ଡେଲୱାଲ, ବହିଘର ର ସମ୍ପାଦକ ତଥା ବିଦ୍ୟାଭାରତୀ ର ନିର୍ଦ୍ଦେଶକ କବି ଶ୍ରୀ ଅଭୟ ଦାସ, ଯଶସ୍ୱୀ ସମାଜସେବୀ ଶ୍ରୀ ସୁଜିତ ଦେବ ପ୍ରମୁଖ ଜୋହାଦେଇ ମୋଦିଜୀଙ୍କ ସ୍ୱପ୍ନର ଏକ ବିକଶିତ ଭାରତ ଗଠନ କ୍ଷେତ୍ରରେ ରୋଜଗାର ସୃଷ୍ଟି କରି କ୍ଷୁଦ୍ର ଓ ନାମମାତ୍ରା ବ୍ୟବସାୟୀ ମାନେ ଖୁ ଗୁରତ୍ୱପୂର୍ଣ ଭୁମିକା ନିର୍ବାହ କରିଚାଲିଛନ୍ତିବୋଲି ପ୍ରକାଶ କରିଥିଲେ । ଶେଷରେ ରୋଟାରୀଆନ ତଥା ମହାସଂଘର ଉପସଭାପତି ଶ୍ରୀ ଦେବେନ୍ଦ୍ର ଧଳ ଧନ୍ୟବାଦ ପ୍ରଦାନ କରିଥିଲେ । ସେକ ଆତିହ, ନିର୍ମଳ ଚନ୍ଦ୍ର ଦାସ, ସୁବଳ ଚନ୍ଦ୍ର ଦାସ, ମୋଜାକିର, ପୂର୍ଣ୍ଣ ଚନ୍ଦ୍ର ବାରିକ, ଅସିତ କୁମାର ନାୟକ, ମୃତ୍ୟୁଞ୍ଜୟ ବାରିକ, ଅନୱାର, ଆଦିତ୍ୟ ନୟକ, ଚନ୍ଦ୍ରମା ସିଂ, ସର୍ଫରାଜ, ଦୀପକ ମହାପାତ୍ର ଓ ଶ୍ରୀମତୀ ସ୍ୱର୍ଣ୍ଣଲତା ପ୍ରମାଣିକଙ୍କ ଦ୍ୱାରା ଏହି ସମାରୋହ ସୁଚାରୁ ରୂପେ ଆୟୋଜିତ ହୋଇଥିବାବେଳେ ଶତାଧିକ ବ୍ୟବସାୟୀ ସଭ୍ୟ ଯୋଗଦେଇଥିଲେ ।


# ମାନସିଂ ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୭୮ତମ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର , ୧୬/୦୮ (ନି.ପ୍ର): ମାନସିଂବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୭୮ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୂଖ୍ୟ ଅତିଥିଭାବେ ଚାନ୍ଦିପୁର କ୍ଷେପଣାସ୍ତ୍ର କେନ୍ଦ୍ରର ଅବସର ପ୍ରାପ୍ତ ଏମ ପି ଓ ଶ୍ରୀଯୁକ୍ତ ରବିନ୍ଦ୍ର ନାଥ ଦାସ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତିରଙ୍ଗା ହେଉଛି ଆମ ସ୍ୱାଧୀନତାର ପ୍ରତୀକ। ଏହାକୁ ସମ୍ମାନ ଦେବା ସହ ସତ୍ୟ ଓ ନିଷ୍ପାପର ଭାବେ କାର୍ଯ୍ୟକରି ଦୁର୍ନୀତିମୁକ୍ତ ବିକଶିତ ଓଡ଼ିଶା ଗଠନରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ରାଧାକୃଷ୍ଣ ଆଚାର୍ଯ୍ୟ ଓ ସଂପାଦକ ଶ୍ରୀ ଗୟାଧର କର ଯୋଗଦେଇ ଆମକୁ ସ୍ୱାଧୀନତା ଆଣିଦେଇଥିବା ମହା ସଂଗ୍ରାମୀ ମହାପୁରୁଷମାନଙ୍କୁ ସ୍ମରଣ କରାଇ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦେଶମାତୃକାକୁ ରକ୍ଷା କରିବା ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହିଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ବହୁ କୁନି କୁନି ଛାତ୍ରଛାତ୍ରୀମାନେ ବକ୍ତବ୍ୟ ଦେଇ ଥିଲେ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚନ୍ଦନ କୁମାର ସାହୁ କାର୍ଯ୍ୟ କ୍ରମକୁ ପରିଚାଳନା କରିଥିଲେ। ଗୁରୁଜୀ ଗୌରହରି ସାହୁ, ଶ୍ରୀକାନ୍ତ ଗୁରୁଜୀ, ନିରୂପମା, ହରପ୍ରିୟା,କାଜଲ, ସୁଚୀସ୍ମିତା , ସ୍ୱର୍ଣ୍ଣପ୍ରଭା ମଧୁସ୍ମିତା, ଗୀତାଞ୍ଜଳୀ,ଆରତୀ ପ୍ରମୁଖ ଗୁରୁମାମାନେ ଓ ସେବିକା ପ୍ରଭାସିନୀ ସହଯୋଗ କରିଥିଲେ।

# ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ

ରାଉରକେଲା, ୧୬/୦୮ (ନି.ପ୍ର): ଦେଶାତ୍ମବୋଧ ଆନନ୍ଦ ଉଲ୍ଲାସର ପରିବେଶ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଅଗଷ୍ଟ ୧୫ ତାରିଖରେ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକ ସେକ୍ଟର ୬ ଇସ୍ପାତ ଷ୍ଟାଡିୟମ ଠାରେ ଆୟୋଜିତ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରି ପ୍ୟାରେଡ ପରିଦର୍ଶନ କରିବା ସହ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ବିଦ୍ୟାର୍ଥୀଙ୍କ ବ୍ୟାଣ୍ଡର ତାଳେତାଳେ ୬୮ ଟି କଣ୍ଟିଜେଣ୍ଟଙ୍କ ଚିତ୍ତାକର୍ଷକ ମାର୍ଚ୍ଚ ପାଷ୍ଟରେ ଅଭିବାଦନ ଗ୍ରହଣ କରିଥିଲେ। ସିଆଇଏସଏଫର ଡ଼ିଆଇଜି ଶ୍ରୀ ରତନ କୁମାର ଏହି ଅବସରରେ ତାଙ୍କ ସହ ମଞ୍ଚରେ ଉପସ୍ଥିତ ଥିଲେ। ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଉତ୍ସବରେ ଜାତୀୟ ସଙ୍ଗୀତ ଗାନର ନେତୃତ୍ୱ ନେଇଥିଲେ। ୭୮ତମ ସ୍ୱାଧୀନତା ଦିବସର ଅବସରରେ, ଏହି ପବିତ୍ର ଦିବସର ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ଅତନୁ ଭୌମିକ କହିଥିଲେ ଯେ, "ଆମ ଦେଶର ସ୍ୱାଧୀନତା କେବଳ ରାଜନୈତିକ ପରିବର୍ତ୍ତନ ନୁହେଁ ବରଂ ଏହା ଏକ ଧ୍ୟେୟର ଉତ୍ପତ୍ତି ଅଟେ – ପ୍ରଗତିର, ଆତ୍ମନିର୍ଭରଶୀଳତାର ଏବଂ ସମୃଦ୍ଧିର । ସେଲ, ରାଉରକେଲା ଇସ୍ପାତ କାରଖାନାରେ ଆମେ ଉତ୍କର୍ଷତା ଏବଂ ନୂତନତ୍ୱ ପ୍ରତି ଆମର ପ୍ରତିବଦ୍ଧତା ମାଧ୍ୟମରେ ଏହି ଧ୍ୟେୟର ଆତ୍ମପ୍ରକାଶ କରିଥାଉ। ସ୍ଥାପନା ଦିନରୁ ଆମର ଇସ୍ପାତ କାରଖାନା ଶିଳ୍ପ ଅଭିବୃଦ୍ଧିର ମୂଳଦୁଆ ରହିଆସିଛି ଏବଂ ଇସ୍ପାତ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ତଥା 'ଆତ୍ମନିର୍ଭର ଭାରତ' ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଭାରତର ଯାତ୍ରାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି । ଆମେ ଉତ୍ପାଦନ କରୁଥିବା ଇସ୍ପାତ କେବଳ ଏକ ବସ୍ତୁ ନୁହେଁ; ବରଂ ଏହା ଆମ ଦେଶର ଭିତ୍ତିଭୂମିର ମୂଳଦୁଆ, ଶକ୍ତି, ସ୍ଥିରତା ଏବଂ ପ୍ରଗତିର ପ୍ରତୀକ ଅଟେ।" ବିକଶିତ ଭାରତ ଗଠନର ସ୍ୱପ୍ନ ସାକାର କରିବା ଦିଗରେ ଯୋଗଦାନର ପ୍ରତିବଦ୍ଧତାକୁ ଦୋହରାଇ ଭାରପ୍ରାପ୍ତ ନିର୍ଦ୍ଦେଶକ ଆରଏସପିର ଉତ୍ପାଦନ, ପରିବେଶ ପ୍ରବନ୍ଧନ, ସୁରକ୍ଷା, ମାନବ ସମ୍ବଳ, ଯୋଗାଯୋଗ, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉପଲବ୍ଧି ବିଷୟରେ ଆଲୋକପାତ କରିଥିଲେ। "ଏକ ବିକଶିତ ଭାରତର ଏହି ଉଚ୍ଚାଭିଳାଷୀ ଭିଜନ ଆମ ପ୍ରତ୍ୟେକ ପ୍ରୟାସରେ ଉତ୍କର୍ଷତା ପ୍ରତିପାଦନ ପାଇଁ ପ୍ରଚେଷ୍ଟା କରିବାକୁ ଆମକୁ ଅନୁପ୍ରେରିତ କରେ। ଗତ ବର୍ଷ, ଆରଏସପି ଉତ୍ପାଦନ ଏବଂ ଚାଲାଣ କ୍ଷେତ୍ରରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଥିଲା। ନିଜର ବକ୍ତବ୍ୟ ଶେଷରେ ଡ଼ିଆଇସି କହିଥିଲେ ଯେ, "ଅନେକ ଦଶନ୍ଧି ଧରି, ଆମେ ଦେଶକୁ ମଜବୁତ କରିବାରେ ଆମର ସର୍ବଶ୍ରେଷ୍ଠ ଅବଦାନ ଦେଇଆସୁଛୁ। ଆସନ୍ତୁ, ଏହି ଅମୃତ କାଳରେ ପ୍ରତ୍ୟେକ ଦିନ, ପ୍ରତ୍ୟେକ ଘଣ୍ଟା, ଏବଂ ପ୍ରତ୍ୟେକ ମିନିଟରେ ଆମର ପ୍ରଦର୍ଶନର ସୀମାକୁ ପୁନଃନିର୍ଣ୍ଣୟ କରିବାକୁ ପ୍ରତିବଦ୍ଧ ହେବା, ଯାହା ଆମକୁ ଭାରତୀୟ ସ୍ୱାଧୀନତାର ଶତବାର୍ଷିକୀକୁ ଅସୀମ ଗର୍ବ ଏବଂ ଉପଲବ୍ଧି ସହକାରେ ଅଗ୍ରସର କରାଇବ ଏବଂ 'ବିକଶିତ ଭାରତ'ର ଲକ୍ଷ୍ୟକୁ ସାକାର କରିବା। " ଏହି ଅବସରରେ ଡ଼ିଆଇସି ଉଦାହରଣୀୟ ସେବା ପାଇଁ ସିଆଇଏସଏଫ କର୍ମୀଙ୍କୁ ସେବା ମେଡାଲ ପ୍ରଦାନ କରିଥିଲେ । ପରେପରେ ସେ ସମ୍ମାନଜନକ ଆରଏସପି ଗୌରବ ସମ୍ମାନ, ନେହେରୁ ବିଶିଷ୍ଟ କର୍ମଚାରୀ ପୁରସ୍କାର ତଥା ଶ୍ରେଷ୍ଠ କଣ୍ଟିଜେଣ୍ଟ ପୁରସ୍କାର ମଧ ପ୍ରଦାନ କରିଥିଲେ। ଏହି ଅବସରରେ ଦୀପିକା ମହିଳା ସଂଘଠିର ଅଧକ୍ଷା, ଶ୍ରୀମତୀ ସୀମା ଦେବ ଭୌମିକ, କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ଦୀପିକା ମହିଳା ସଂଘଠିର ଉପାଧକ୍ଷା, ଶ୍ରୀମତୀ ହର୍ଷଲା ସୂର୍ଯ୍ୟବଂଶୀ, ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ନମ୍ରତା ବର୍ମା, ଶ୍ରୀମତୀ ରୀତା ବେହୁରିଆ, ଆରଏସପିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କୋଲ୍ଡ ରୋଲିଙ୍ଗ ମିଲ ବିଭାଗର ସିନିୟର ଟେକନିସିଆନ, ଶ୍ରୀ ଅନିଲ କୁମାର ମଲ୍ଲିକ ଏବଂ ସୁଶ୍ରୀ ଆକାଂକ୍ଷା ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁରୂପ ଭାବେ ସେକ୍ଟର ୨୨ ଫୁଟବଲ ପଡିଆରେ ଆୟୋଜିତ ସ୍ୱାଧୀନତା ଦିବସ ଉତ୍ସବରେ ଶ୍ରୀ ଭୌମିକ ଜାତୀୟ ପତାକା ଉତ୍ତୋଳନ କରି ପ୍ୟାରେଡ ପରିଦର୍ଶନ କରିବା ସହ ଚିତ୍ତାକର୍ଷକ ମାର୍ଚ୍ଚପାଷ୍ଟରେ ଅଭିବାଦନ ଗ୍ରହଣ କରିଥିଲେ। ପରେ ସେ, ଶ୍ରେଷ୍ଠ ପ୍ୟାରେଡ ପ୍ରଦର୍ଶନକାରୀଙ୍କୁ ମଧ ପୁରସ୍କୃତ କରିଥିଲେ। ଉତ୍ସବରେ ଜ୍ଞାନ ନିକେତନ ବିଦ୍ୟାଳୟକୁ ଡ଼ିଆଇସି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ଯାହା ୧୦ ହଜାର ଟଙ୍କାର ପୁରସ୍କାର ରାଶି ବହନ କରୁଛି। ଆରଏସପିର ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ଦ୍ୱାରା ମଧ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବୋଲାଣି ଲୌହ ଖଣିର ସିଜିଏମ ଶ୍ରୀ ଜୟଦେବ ଚାଟ୍ଟୋପାଧ୍ୟାୟ ବୋଲାଣି ଫୁଟବଲ୍ ଗ୍ରାଉଣ୍ଡରେ ଆୟୋଜିତ ଏକ ବିଶାଳ କାର ?୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ବିଆଇଏମ, କେଆଇଏମ ଓ ଟିଆଇଏମର ଜିଏମ୍ ଇନ୍-ଚାର୍ଜ ଶ୍ରୀ ତିଲକ ପଟ୍ଟନାୟକ ଟେନସା ଇସ୍ପାତ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ଅନ୍ୟ ଏକ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ। ଏହି ଉତ୍ସବ ପାଳନ ଉପଲକ୍ଷେ ବୋଲାଣି ହସ୍ପିଟାଲରେ ଏକ ଫଳ ବଣ୍ଟନ କାର୍ଯ୍ୟମ ମଧ ଆୟୋଜିତ ହୋଇଥିଲା। ଦୀପିକା ମହିଳା ଜାଗୃତି ସଂସ୍ଥାନ ସେକ୍ଟର ୨ ଠାରେ ଅନୁଷ୍ଠିତ ଅନ୍ୟ ଏକ ଉତ୍ସବରେ ଦୀପିକା ମହିଳା ସଂଘଠିର ଅଧ୍ୟକ୍ଷା, ଶ୍ରୀମତୀ ସୀମା ଦେବ ଭୌମିକ ସମସ୍ତ ଉପାଧକ୍ଷା, ସମ୍ପାଦିକା, ପରିଚାଳନା ପରିଷଦ ସଦସ୍ୟା ଏବଂ ସ୍ୱେଚ୍ଛାସେବୀଙ୍କ ଗହଣରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।



# ଗେଟ୍ ଆଲାଇଭ ହେଲଥ୍ କେୟାରରେ ୭୮ତମ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର , ୧୬/୦୮ (ନି.ପ୍ର): କଳିଙ୍ଗ ନଗରର ପାଇକରାପୁର ସ୍ଥିତ ଗେଟ୍ ଆଲାଇଭ ହେଲଥ୍ କେୟାର ପ୍ରାଇଭେଟ ଲିମିଟେଡରେ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଗେଟ୍ ଆଲାଇଭ ହେଲଥ୍ କେୟାର ସୁପରିଣ୍ଟେଣ୍ଡ ଡାକ୍ତର କୈଳାସ କିରଣ ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ ହସ୍ପିଟାଲ ଫିଜିଓଥେରାପି ବିଭାଗର ହେଡ୍ ତଥା ଉତ୍କଳ.ଆଇ.ଏ ପି ସଭାପତି ଡା. ସ୍ମିତି ପ୍ରଜ୍ଞା ଧଳ ବେହେରା, ଗେଟ୍ ଆଲାଇଭ ହେଲଥ୍ କେୟାର ଡାଇରେକ୍ଟର ଡା. ଦେବାଶିଷ ମିଶ୍ର, ଡା. ପ୍ରଭରଞ୍ଜନ ରାୟସାମନ୍ତ ଏବଂ ମିହିର କୁମାର ନନ୍ଦାଗୋସ୍ୱାମୀ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତି ଚାରଣ କରିଥିଲେ । ଗେଟ୍ ଆଲାଇଭ ହେଲଥ୍ କେୟାର ଡ଼ାକ୍ତର, ନର୍ସ, କର୍ମଚାରିଙ୍କ ସହ ରୋଗୀଙ୍କ ସମ୍ପର୍କିୟ ମାନେ ଉପସ୍ଥିତ ଥଲେ ।



# ସ୍ୱାଧୀନତାର ମୂଲ୍ୟବୋଧ




ଡ. ପ୍ରଦୀପ୍ତ କୁମାର ମିଶ୍ର




ଯତ୍ନ କଲେ ରତ୍ନ ମିଳେ । ନିର୍ଦ୍ଦିଷ୍ଟ ସମୟରେ କର୍ମ କଲେ ଶ୍ରମର ଫଳ ବ୍ୟକ୍ତିକୁ ଭୋଗ କରିବାକୁ ପଡେ । ମୁହୂର୍ତ୍ତ ମୁହୂର୍ତ୍ତ ମିଶି ମାନବ ଜୀବନ । ପ୍ରତ୍ୟେକ ମୁହୂର୍ତ୍ତକୁ କାର୍ଯ୍ୟରେ ଲଗାଇବା ଏବଂ ମୁହୂର୍ତ୍ତ ଗୁଡ଼ିକ ଚିନ୍ତା ଓ ଚେତନାକୁ କର୍ମରେ ନିଯୁକ୍ତି ଦେବା ହେଉଛି ମଣିଷର ବୁଦ୍ଧିଦୀପ୍ତ ପରିଚୟ । ଅତୀତକୁ ନଦେଖି ବର୍ତ୍ତମାନକୁ ସଜାଡି କର୍ମରେ ନିଯୁକ୍ତି ହେବା ବାଞ୍ଛନୀୟ । ଯୋଗଲଗ୍ନରେ ଅପେକ୍ଷା ନକରି କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି କର୍ମ କରିଚାଲିଥାଏ । ମୁହୂର୍ତ୍ତ ମୁହୂର୍ତ୍ତ ମିଶି ମାନବ ଜୀବନ ଗଢି ଉଠିଥାଏ । ଜୀବନ ବଞ୍ଚିବା ମଣିଷ ହାତରେ ନାହିଁ । ଜୀବନକୁ ପ୍ରଶସ୍ତ ଓ ଗଭୀର କରିବା ମଣିଷ ହାତରେ ଅଛି । କେତେଦିନ ବଞ୍ଚିବା ବଡ଼ କଥା ନୁହେଁ, କେମିତି ଓ କିପରି ବଞ୍ଚିବା ତାହା ବଡ଼କଥା । ବଞ୍ଚିବା କଥା ଉଠିଲେ ଆମେ ସ୍ୱାଧୀନ ନା ପରାଧୀନ କଥା ମନକୁ ଆସେ । ୧୯୪୭ ରେ ଭାରତ ସ୍ୱାଧିନତା ପାଇଲା ସତ, ମାତ୍ର ସ୍ୱାଧୀନତାର ସ୍ୱାଦ ଆଜି ୭୭ ବର୍ଷ ପରେ ବି କ'ଣ ଆମେ ଚାଖି ପାରିଛୁ ବୋଲି ମନରେ ପ୍ରଶ୍ନ ସୃଷ୍ଟି ହୁଏ । ବର୍ଷବର୍ଷ ଧରି ଗୋଲାମୀ ମାନସିକତାର କଳଙ୍କ ଦାଗ କ'ଣ ଲିଭିଲାଣି କି ? ଇଂରାଜୀ ସ୍ୱାକ୍ଷର କେବଳ ଯେ କେତେଗୋଟି ବିଦେଶୀ ଅକ୍ଷର ଏ କଥା ଭାରତୀୟର ହୃଦବୋଧ ହେବା ଉଚିତ୍ । ସ୍ୱାଧୀନତାର ମୂଲ୍ୟବୋଧ କଥା ଉଠିଲେ ପ୍ରଥମେ ଦୃଷ୍ଟିପଡେ ଗୋଟାଏ ଭୂଖଣ୍ଡ ଓ ତାର ଭାଷା ଉପରେ । ଗୋଟିଏ ସ୍ୱାଭିମାନୀ ଜାତି ମାତୃଭାଷାର ସାମାନ୍ୟ ଭୁଲକୁ ନିଜ ଅଙ୍ଗଛେଦନର ଯନ୍ତ୍ରଣାଭଳି ଅସହ୍ୟ ମଣେ । ଆଜି କିନ୍ତୁ ଆମେ ମାତୃଭାଷାରେ ମେଟ୍ରିକ ପରୀକ୍ଷାରେ ଶହେରୁ ଶହେ ପାଉଛୁ । ଏଠାରେ ପ୍ରଶ୍ନ ଉଠେ ଏହି ନମ୍ବର ଛାତ୍ରର ବୌଦ୍ଧିକ ଜ୍ଞାନ ଓ ମୌଳିକତାର ସମିଶ୍ରଣ ଅବା ଆଉ କିଛି ? ସ୍ୱାଧୀନତାର ମୂଲ୍ୟବୋଧ କହିଲେ ପ୍ରଥମେ ଆମ ହୃଦୟରେ ସୃଷ୍ଟି ହେବ ସ୍ପନ୍ଦନ, ଆତ୍ମାର ଲୋକ ଦେଖାଣିଆ ଆବାଜ ନୁହେଁ ସ୍ୱତଃସ୍ଫୁର୍ତ୍ତ ଚିତ୍କାର, ଆଶା, ଆକାଂକ୍ଷା, ସ୍ୱପ୍ନ, ସାଧନା, ସିଦ୍ଧି, ପ୍ରତିଜ୍ଞା, ପ୍ରତ୍ୟୟ ଯାହା ଜାତୀୟ ମହାଜାଗୃତିର ମନ୍ତ୍ର ତାହା କିନ୍ତୁ ଆଜି ପଙ୍ଗୁ। ସ୍ୱାଧୀନତା ଶିଖାଇ ଦିଏ ଆଦର୍ଶ, ସତ୍ୟ, ନ୍ୟାୟ, ଚରିତ୍ର, ସାଧନା ଓ ସିଦ୍ଧିପ୍ରାପ୍ତି । ଆଜିର ସ୍ୱାଧୀନତା ଦିବସରେ ଆମେ କହିପାରିବା ଆଜିର ଶିକ୍ଷା, ରାଜନୀତି, ଶାସନ, ଧର୍ମ ସବୁଠି ଷଡ଼ଯନ୍ତ୍ରର ଚକ୍ରବ୍ୟୁହ ନାହିଁ ? ଯଦି ନାହିଁ ତେବେ ସ୍ୱାଧୀନତାର ପ୍ରକୃତ ମୂଲ୍ୟ ଭାରତୀୟ ବୁଝିଛି , ଆଉ ଯଦି ଅଛି ତେବେ ଭାରତ ସ୍ୱାଧୀନ କିପରି ? ଷଡ଼ଯନ୍ତ୍ର ରଚନା ହେଉଥିଲେ ଯୌବନ ସଂହାରର ନାରକୀୟ ଲୀଳା ଏବେ ବି ବଞ୍ଚିଛି । ଦେଶ ପାଇଁ, ଜାତି ପାଇଁ ବିବେକାନନ୍ଦ, ଶ୍ରୀଅରବିନ୍ଦ, ଦୟାନନ୍ଦ, ଗାନ୍ଧି, ସୁଭାଷ, ଭଗତ, ଉଦ୍ଧାମଙ୍କ ଜୀବନ କାହାଣୀ ଶିକ୍ଷା ବ୍ୟବସ୍ଥାରେ କେତେ ପଠନୀୟ ଓ ଗ୍ରହଣୀୟ ଆମ ଉଭୟ ଶିକ୍ଷକ ଓ ଛାତ୍ର ବୁଝିବାର ଆବଶ୍ୟକତା ଅଛି । ସ୍ଲୋଗାନ, ନାରାବାଜିରେ ସ୍ୱାଧୀନତା ରହିବ ନାହିଁ । ସମାଜରେ ଅପହୃତ ହୋଇଥିବା ଆଦର୍ଶକୁ ପୁନଃପ୍ରତିଷ୍ଠା ନକଲେ ସ୍ୱାଧୀନତାର ସ୍ୱାଦ କଦାପି ଚାଖିହେବ ନାହିଁ । ସବୁଠି ହୀନ ମାନସିକତାର ପରିବର୍ତ୍ତନ ଜରୁରୀ । ଆଜିର ସମାଜରେ ଦେଖେଇହେବା, ଭୁଲେଇବା, ମତେଇବାର ଉଗ୍ରଭାବ ଏକ ପ୍ରକାର ଉତ୍କଟ ବେପାରୀଭାବ, ଯେଉଁଠି ଲୁଚିଥାଏ ହିଂସା, ହତାଶା, ପ୍ରତାରଣାର କଳାଛାୟା ତଥା ତଥାକଥିତ ଦାଦାଗିରି ପ୍ରବଣତା। ପ୍ରଧାନଶିକ୍ଷକ ଠାରୁ ଅଧକ୍ଷ, ଅଧକ୍ଷା, ସଚିବ ଠାରୁ ମନ୍ତ୍ରୀ, ଠିକାଦାର ଠାରୁ ବିଧାୟକ ଓ ସାଂସଦ ସବୁଠି ଲୁଚିଲୁଚି ଚାଲିଛି ଅବା ଖୋଲମ୍ ଖୋଲା ଚାଲିଛି ଦାଦାଗିରି । ଯୌବନର ଜ୍ୱଳମାନ ଜ୍ୟୋତି, ସାଧନାର କାନ୍ତି, ଉଦ୍ଧାମ ପ୍ରାଣପ୍ରାଚୁର୍ଯ୍ୟ, ସତ୍ୟପାଇଁ, ଜାତିପାଇଁ ମାତୃଭୂମି ପାଇଁ ବଳିଦାନର ବୀର୍ଯ୍ୟବନ୍ତ ଅଙ୍ଗୀକାର ସ୍ୱାଧୀନତାକୁ ରକ୍ଷା କରିପାରିବ । କିନ୍ତୁ ସେ କ୍ଷେତ୍ରରେ ଦୈନନ୍ଦିନ ଦୁର୍ନୀତି ବିଭାଗର ଚଢ଼ଉ, ସବୁ ମୁଣ୍ଡିଆଳଙ୍କ ବିରୋଧରେ ବିରାଟ ବିରାଟ ଅଭିଯୋଗ । ଏ ସବୁ କଥା ଶୁଣିଲେ ମନରେ ଭାବନା ଆସେ, ସେ ଅଫିସର, ନେତା, ମନ୍ତ୍ରୀଙ୍କୁ ଶିକ୍ଷାଦାନ କରାଇଥିବା ଶିକ୍ଷକ ନିକଟରେ କଣ ଏମିତି ଅଭାବ ରହିଗଲାଯେ ତାର ଛାତ୍ର ଜେଲ୍ ଯିବା ଶୁଣି ଭାବୁଥିବ ମୁଁ କେଉଁଠି ଶିକ୍ଷାଦାନରେ ଭୁଲ କଲି ? ଏହା କଣ ମୋ ଶିକ୍ଷାଦାନର ପରିଣତି ? ସ୍ୱାଧୀନତା କଣ ଏମିତି ରକ୍ଷା ହୋଇପାରିବ ? ପରିବାର ଠାରୁ ପାର୍ଲିଆମେଣ୍ଟ ସମସ୍ତେ ଅନୁଭବ କରୁଛନ୍ତି ଆମେ ସ୍ୱାଧୀନ ନୁହେଁ ? ବାପ ମାଆ ନଜରରେ ସନ୍ତାନ, ଶିକ୍ଷକ ନଜରରେ ଛାତ୍ରଛାତ୍ରୀ, ବଡ଼ ଅଫିସର ନଜରରେ ସାନ ଅଫିସର, ସଚିବ ନଜରରେ ବିଭାଗର ତଳ ପାହ୍ୟା ଅଫିସର, ମନ୍ତ୍ରୀ ନଜରରେ ସଚିବ, ବାଚସ୍ପତି ନଜରରେ ସମ୍ପୂର୍ଣ୍ଣ ମନ୍ତ୍ରୀମଣ୍ଡଳ, ବିରୋଧୀଦଳ ନଜରରେ ଶାସକଦଳ କେହି ମୁକ୍ତ ନୁହଁନ୍ତି । ପୁଣି ସେହି ଦଳର ଦଳପତିଙ୍କ ନିର୍ଦ୍ଦେଶରେ ଅନ୍ୟମାନେ ପରିଚାଳିତ ହେଉଛନ୍ତି । ଗୋଟାଏ ଅଞ୍ଚଳର କଥାକୁ ପ୍ରକାଶକରି ଉନ୍ନତି ପାଇଁ ଅଣ୍ଟା ଭିଡ଼ିବା ବେଳକୁ ତାଙ୍କୁ ଟାଣିବା ପାଇଁ ଦଳର ଓ ଦଳପତିଙ୍କର ଜୁଲମ ଅସହ୍ୟ ହେଉଛି । ପ୍ରତ୍ୟେକ ପ୍ରତିନିଧି ଏକାନ୍ତରେ ଭାବୁଛି ମୁଁ ସିନା ଚେୟାର ଲୋଭରେ ଆସିଗଲି କିନ୍ତୁ ବ୍ୟଥା ସ୍ଥାନ ଦେଖି ହେଉଛି ନା ଦେଖେଇ ହେଉଛି । ଏପରି କ୍ଷେତ୍ରରେ ସ୍ୱାଧୀନତା ଯେ ଆମେ ପାଇଛୁ ଏକଥା ଭାବିବାବେଳେ ମଧ ପ୍ରଶ୍ନ ଅନେକ ମନରେ ଉଙ୍କିମାରେ । ସ୍ୱାଧୀନତା ଆଜି ସମୂହ ସ୍ୱାର୍ଥ ପରିବର୍ତ୍ତେ ବ୍ୟକ୍ତି ସ୍ୱାର୍ଥରେ ବଞ୍ଚିଛି କହିଲେ ଅନେକେ ସ୍ୱୀକାର କରିବେ। ସ୍ୱାର୍ଥ ପାଇଁ ଦେଶ ଉଚ୍ଛନ୍ନ ହେଉଛି, କେତେଜଣ ମୁହଁ ଫିଟାଉଛନ୍ତି ? ସ୍ୱାଧୀନତା ଲାଭ କରିସାରି ବିଦ୍ୟାବୁଦ୍ଧିରେ ଜଡ଼ ହୋଇବସିବା, ବଡ଼ବଡିଆଙ୍କ ଗାଡ଼ି ପୋଛିବା, ବୋଲକରା ହେବା, ଅଥଚ କ୍ଷମତା ରାକ୍ଷସର ସାତତାଳ ପ୍ରାସାଦ ଗଢିବାରେ ସହାୟକ ହେବା ଏହା କ'ଣ ପ୍ରକୃତ ସ୍ୱାଧୀନତାର ମୂଲ୍ୟବୋଧ ? ଯେଉଁ କେତେଜଣଙ୍କ ହୃଦୟରେ ସତ୍ ବିବେକର ନିଆଁ ଜଳୁଛି ସେମାନେ ଆଜିର ଅବସ୍ଥା ଦେଖି ହନ୍ତସନ୍ତ ହେଉଛନ୍ତି ମାତ୍ର ପଦେ ଊଁ କି ଚୁଁ କହିବାକୁ ଜୁ ନାହିଁ, କାରଣ ରକ୍ଷଣଶୀଳ ମନୋଭାବ ନଧରିଲେ ପରିବାର ପ୍ରତିପୋଷଣ ଦୁର୍ବିସହ ହୋଇଯିବ । ଆସନ୍ତୁ ସ୍ୱାଧୀନତା ଦିବସରେ ଜାତୀୟ ପତାକାର ତଳେ ଛିଡ଼ା ହୋଇ ନିଃସ୍ୱାର୍ଥପର ଭାବନା ପାଇଁ ଶପଥ ନେବାସହ ମାନବିକତାର ମହତ୍ତ୍ୱ ପ୍ରତି ସଚେତନ ହେବା । ଶିକ୍ଷାରେ ସମାଜକୁ ଆଗେଇ ନେଇ ଉତ୍ତରପିଢ଼ିଙ୍କୁ ସାକ୍ଷର ପରିବର୍ତ୍ତେ ଶିକ୍ଷିତ କରି ଦୁର୍ନୀତି ମୁକ୍ତ ଭାରତର ସ୍ୱପ୍ନ ଦେଖିବାସହ ସର୍ବଧର୍ମ ମଧ୍ୟରେ ଏକ ସୁସଂପର୍କ ସୃଷ୍ଟିକରିବା, ଯେମିତି ଶିକ୍ଷିତ ହୋଇ ଭିଜିଲାନ୍ସ ଜାଲରେ ନପଶି ସମାଜରୁ ନିଜର ଉଦଯୋଗ ବଳରେ ଅସମ୍ଭବକୁ ସମ୍ଭବ କରି ସ୍ୱାଧିନତାର ଟେକ ରଖିବା । ଜୟହିନ୍ଦ୍, ଭାରତମାତା କି ଜୟ ।। ବନ୍ଦେ -- ମାତରମ୍ ।।........


ଅଧ୍ୟାପକ ଓଡ଼ିଆ ଭାଷା ଓ ସାହିତ୍ୟ
ବିଭାଗ, ନୀଳଗିରି ମହିଳା ଡ଼ିଗ୍ରୀ
ମହାବିଦ୍ୟାଳୟ, ନୀଳଗିରି, ବାଲେଶ୍ୱର




## ସ୍ୱାଧୀନତା ଫୁଲ


ସୁନନ୍ଦା ମହାନ୍ତି




ଆମ ଗାଁ ନଈ ପଠା ଅଳସୀ କ୍ଷେତଟି
ତୁମ ଗାଁକୁ ବାସେ
ଆମ ଗାଁ ଝରଣାର କାଚକେନ୍ଦୁ ପାଣି
ତୁମ ଗାଁ ନଈରେ ମିଶେ
ଆମ ଗାଁ ଆମ୍ବଗଛେ ବଉଳ ବାସିଲେ
ତୁମ ଗାଁରେ ବସନ୍ତ ପଶେ
ଆମ ଗାଁ ପକ୍ଷୀ କୂଳ ନପାଇ ଥଳକୂଳ
ତୁମ ଗାଁ ଗଛେ ଅଣ୍ଡ ଘଷେ
ଆମଗାଁ ବର ଡ଼ାଳେ ରହୁଥିବା ବାନର
ତୁମ ଗାଁ ଚାଳରେ ବସେ
ଆମ ଗାଁ ଝରା ମହୁଲ ଫୁଲ ବାସନାରେ
ତୁମ ଗାଁ ମହକି ସରସେ
ଆମ ଗାଁ ରଜଦୋଳି ଚୋରା ଚଇତାଳି
ତୁମ ଗାଁକୁ ବି ଆସେ
ତୁମ ଗାଁ ଆମ ଗାଁ ଲୋକ ମିଳିମିଶି ଗଲେ
ଫଗୁଣ ପରଶେ ସୂର୍ଯ୍ୟ ପ୍ରକାଶେ
ଆମ ସହର ଓ ତୁମ ସହର ଚଳଣୀ ମିଶି
ଗାଁ ସହର ଜିଲ୍ଲା ମହକୁମା ହସେ
ଗାଁ ସହର ଜିଲ୍ଲା ରାଜ୍ୟ ଦେଶ ଆମର
ସ୍ୱାଧୀନତା ଆସେ ବାସେ ରସେ
ଆମରି ଦେଶର ଆମେରେ ନାଉରୀ
ପୃଥିବୀ ପୃଷ୍ଠେ ପ୍ରକାଶେ
ଛାଡି ରାଗ ରୋଷ ହିଂସା ଦ୍ୱେଷ ଅହଙ୍କାର
ସ୍ୱାଧୀନତା ସୂର୍ଯ୍ୟ ଆଶେ
ଦୈବଦୁର୍ବିପାକ ବା ବତାସ ସୁନାମୀ ଯୁଦ୍ଧ
ଦୂରେଇଦେବା ଏସବୁ ସନ୍ତ୍ରାସ ହ୍ରାସେ
ଅଢେଇଦିନ ଜୀବନେ ଶାନ୍ତି ପ୍ରୀତି ମୈତ୍ରୀ
ତ୍ରିରଙ୍ଗା ଉଡୁ ଆକାଶେ


ସାକ୍ଷୀଗୋପାଳ
ପୁରୀ
ମୋ:୯୦୪୦୯୭୭୩୨୭


## ଅଗଷ୍ଟ ପନ୍ଦର


ସୁଷମା ନାଥ ଶର୍ମା


ବାଜରେ ବାଇଦ ସଜାରେ ମଣ୍ଡପ
ତ୍ରିରଙ୍ଗା ପତାକା ଧରି
ଅଗଷ୍ଟ ପନ୍ଦର ଆସିଛି ପରା
ଗଣତନ୍ତ୍ର ଦେଶେ ଆମେ ନାଉରୀ
ହସୁଛି ଏ ଦେଶ ଗଗନ ପବନ
ସ୍ୱାଧୀନତା ବାହା ବହେ
ଜାତୀୟ ପତାକା ଶାନ୍ତି ମୈତ୍ରୀ ଗାଏ
ସବୁଜ ଶୋଭା ବଢ଼ାଏ
ଜାଗାରେ ଭାରତ ସୁସନ୍ତାନ ଗଣ
ଶୁଭ ଲଗନ ଆସିଛି
ଜନମ ଦିନକୁ ପାଳିବା ସଭିଏଁ
ସତ୍ୟ ଅହିଂସାକୁ ପାଞ୍ଚି....
ମନେ ଖେଳି ଯାଏ ଅତୀତ ର ସ୍ମୃତି
ଗାନ୍ଧୀ ଗୋପବନ୍ଧୁ କଥା
ନେହେରୁ ସୁବାଷ ଲାଲ ବାଲ ପାଲ
ସହିଲେ ଜୀବନ ବ୍ୟଥା...
ସିପାହୀ ବିଦ୍ରୋହେ ଢାଳି ମୂଳ ମନ୍ତ୍ର
ସ୍ୱାଧୀନତା ଆନ୍ଦୋଳନ....
ବୀର ସୁର ଇନ୍ଦ୍ର ବଜ୍ରି ରାଜ ଗୁରୁ....
ଦେଲେ ନିଜର ଜୀବନ...
ତାଙ୍କ ଦିଆ ପଦ ଆପଣେଇ ନେବା
ଦେଶ ମାତୃକାର ପାଇଁ
ଶତ୍ରୁକୁ ବିନାଶ କରିବା ଦେଶରୁ
ଜାତୀୟ ସଂହତି ନେଇ ....
ଭାରତ ମାତାର ବନ୍ଦନା ଗାଇବା ଜଣ ଗଣ
ମନ ବୋଲି...
ସ୍ୱାଧୀନତା ଆମ ଅଖଣ୍ଡ ସମ୍ପତି...
ଜନମ ଜନମ ଧରି...


ଗୋପାଳପୁର
ମାହାଙ୍ଗା, କଟକ
ମୋ:୮୨୮୦୦୩୯୯୦୭


## ଭାରତ ତୋହରି ନାମ


ରତ୍ନପ୍ରଭା ବାଇ




ମାଆ, ଭାରତ ତୋହରି ନାମ
ତୋତେ, କରୁଛି କୋଟି ପ୍ରଣାମ,
ତୁ,ଏଇ ବିଶ୍ୱର ମାଟି ବଇକୁଣ୍ଠ
ତୁ, ଶାନ୍ତିର ଦିବ୍ୟ ଧାମ ।

ତୁ,ମା ପୂଣ୍ୟମୟୀ ତୁ, ମା ପୁଣ୍ୟ ଦେହି
ପବିତ୍ର ତୋ, ପରଂପରା
ତୁ, ଯେ ମମତାର ମହାସିନ୍ଧୁଟିଏ
ଶିତଳ ସେନେହ ଧାରା
ଅବିରତ ତୋର ଅନ୍ତରୁ ଉଛୁଳେ
ଅନାବିଳ ସୁଧା ପ୍ରେମ ।
ମାଆ, ଭାରତ ତୋହରି ନାମ--

ଜାତି ଯର୍ମ ବର୍ଣ୍ଣ ନିର୍ବିଶେଷେ ତୋର
କୋଳରେ ଦେଇ ମା'ସ୍ଥାନ
ଦୟା କ୍ଷମା ଗୁଣେ ମୁଗ୍ଧ କରିଛୁ
କୋଟି କୋଟି ଜନ ମନ
ସଭିଙ୍କୁ ସରାଗେ ବକ୍ଷେ ଧରି ତୁହି
ପାଳୁଛୁ ସନ୍ତାନ ସମ ।
ମାଆ, ଭାରତ ତୋହରି ନାମ -


ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ
ତାଳଚେର ଟାଉନ, ଅନୁଗୁଳ
ମୋ- ୯୩୩୭୯୭୨୭୪୯


## ସ୍ୱାଧୀନତା


ତେଜସ୍ୱିନୀ ପଣ୍ଡା




ସ୍ୱାଧୀନତା ଆଉ କଣ କି !
ରକ୍ତ ଶୋଷଣ, ଜାତି ଧର୍ମର ବିରୋଧ
ବଳାତ୍କାର ଆଉ ନରହତ୍ୟା।
ଏଇ ତ ଆମ ଦେଶର ସ୍ୱାଧୀନତା।
ସ୍ୱାଧୀନତା ଆଉ କଣ କି !
ନାବାଳିକା ଦେହର ବାସ୍ନା,
ଶହଶହ ଦ୍ରୌପଦୀଙ୍କ ଆତ୍ମହତ୍ୟା
ଓ ସତ୍ୟତାକୁ ଆକ୍ରମଣ।
ଏଇ ତ ଆମ ଏକତାର ଗୌରବ।
ସ୍ୱାଧୀନତା ଆଉ କଣ କି !
ଭୋକର ଅନଳରେ ଜୀବନ୍ତ ଦଗ୍ଧ,
ମିଥ୍ୟା ପ୍ରମାଣରେ ନୃଶଂସ ହତ୍ୟା,
ଓ ଦୁର୍ବଳ ମନୁଷ୍ୟ ଉପରେ ଅନ୍ୟାୟ।
ଏଇ ତ ଆମ ଜାତିର ପ୍ରତୀକ।
ଏଇ ତ ଆମ ଦେଶର ସ୍ୱାଧୀନତା।
ରକ୍ଷକ ଯଦି ଭକ୍ଷକ ସାଜେ,
କାହାକୁ ମାଗିବୁ ମାଆ ପଣତରେ ଭିକ୍ଷା,
ବିନ୍ଦୁ ବିନ୍ଦୁ ରକ୍ତ, ବାପାର ଟୋପାଏ ସ୍ୱେଦ
ଯା ଠାରୁ ବଡ଼ ତ୍ୟାଗ ଆଉ କଣ କି !
ଜାଗ୍ରତ ହୁଏ, ପ୍ରତିବାଦ କର, ଆହ୍ୱାନ ଦିଅ ।
ଇଏ କଣ ଆମ ସ୍ୱାଧୀନତା ?


ଜଗତସିଂହପୁର


## ସ୍ୱାଧୀନ ଭାରତେ ତ୍ରିରଙ୍ଗା ଉଡ଼େ


ତୃପ୍ତିରାଣୀ ପାତ୍ର




ତିନିରଙ୍ଗେ ରଙ୍ଗାୟିତ ତ୍ରିରଙ୍ଗା
ଆମକୁ ଚେତାଇ ଦିଏ
ସବୁବେଳେ ଦେଖ ଉଡ଼ିଉଡ଼ି ସତ କହେ
ଘରେଘରେ ସର୍ବେ ଉଡ଼ାଇଦେଉଛ ମୋତେ
ଜନଗଣ ମନ ଅଧିନାୟକ ଗୀତଟି ଗାଇ
ସ୍ୱାଭିମାନ ଦେଶଭକ୍ତି ରଖ
ଦେଶବାସୀ ହୃଦେ ।

ଶାନ୍ତି ମୈତ୍ରୀ ପ୍ରୀତି ହୃଦୟର ହେଉ ସାଥୀ
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ନିଜକୁ ରଖି
କର୍ମଧର୍ମ ମାନବିକତା ଚାଲିବାନିଜେ ପରଖି
ତେବେ ଅହିଂସାମନ୍ତ୍ରେ ହସିବେ ଦେଶବାସୀ।

ବିଶ୍ୱ ଅଙ୍ଗନେ ଗାଉଛି ବିଜ୍ଞାନର ଜୟଗୀତି
ଚନ୍ଦ୍ରଜାନ ସଫଳତା ପାଇଁ
ସ୍ୱର୍ଣ୍ଣାକ୍ଷରେ ନାମ ଦେଇଛି ଲେଖି
କର୍ତ୍ତବ୍ୟ ଆହ୍ୱାନେ ଜୀବନ ଉତ୍ସର୍ଗୀ ଦେଇ
ବିକଶିତ ରାଷ୍ଟ୍ରେ ନିର୍ବିଘ୍ନେ ରହି ପାରନ୍ତୁ
ମୋ ଦେଶ ଭଉଣୀ ଭାଇ ।

ସ୍ୱାଧୀନତାର ସତସ୍ତରି ବର୍ଷ ଗଲାଣି ତ ପୂରି
ତ୍ରିରଙ୍ଗାବାର୍ତ୍ତା କହିଦେଉଛି ମାନୁଛକି କେହି
କରୁଛ କି ଠୁଳ ନିଜବଂଶ ପରମ୍ପରା ପାଇଁ
ଜୋର୍ ଯାର ମୂଲକତା'ର ଚାଲେ ନୀତିଗତି।

ଆସଆସ ହେ ମୋ ଭାରତବାସୀ
ନେବା ବଜ୍ର ଶପଥ ସଭିଏଁ ମିଳି ମିଶି
ତେବେ ସାକାର ହେବ ଘରେଘରେ ଏହି
ତ୍ରିରଙ୍ଗା ପତାକା ଉଡ଼ାଇ ଦେଇ
ଭାଇଚାରା ଭାବସମ୍ପର୍କ ମଧୁର ରଞ୍ଜିତ କରି
ଏହି ସ୍ୱତନ୍ତ୍ରତା ଦେଖି ଚକିତ ହେବେ
ସାରା ବିଶ୍ୱବାସୀ ।


+ସହଦେବଖୁଣ୍ଟା,ବାଲେଶ୍ୱର


## ସଭିଏଁ ଭାରତବାସୀ


ଡ.ଦୀପ୍ତିମୟୀ ବେହେରା




ସ୍ୱାଧୀନତା ସଂଗ୍ରାମୀଙ୍କ ବୀର ଲଢୁଆ ସାହସ ଦେଖି
କ୍ଷମତାଚ୍ୟୁତ ହୋଇ ଛାଡି ପଳାଇଣ ଗୋରା ବିଦେଶୀ ।
ଶାନ୍ତି ଅହିଂସାର ବାର୍ତ୍ତା ଧରି ଭାରତବାସୀଙ୍କୁ କଲେ ଜାଗ୍ରତ
ଜାତିର ପିତା ବାପୁଙ୍କ ସହ ଦେଶବାସୀ ହେଲେ ଆସି ଏକତ୍ର ।
ସୁଖ ସ୍ୱାଛନ୍ଦ୍ୟରେ ଚଳିବା ଆମେ ସ୍ୱାଧୀନ ହେବ ଆମ ଦେଶ
ସ୍ୱାଧୀନତା ପରେ ଅଧା ରହି ସ୍ୱପ୍ନ ଆସିଗଲା ଦୁଃଖ ଅଶେଷ ।
ସ୍ୱପ୍ନମୟ ରାମ ରାଜ୍ୟେ ହୋଇଣ ପ୍ରବେଶ ରାବଣ ରାଇଜ
ଦୈନିକ ହଣାମରା, ଗୁଣ୍ଡାଗିରିରେ ସମ୍ବାଦ ହୁଏ ସତେଜ ।
ଦୁଃଖ ଦାରିଦ୍ର୍ୟର କଷାଘାତେ ଛଟପଟ ହୁଏ କାହା ଜୀବନ
ପୁଣି ଏଠି କିଏ ଭୋଗକରେ ସୁଖ ସାମ୍ରାଜ୍ୟର ବିଳାସ ବ୍ୟସନ ।
କାମ, କ୍ରୋଧ, ଲୋଭ, ମୋହରେ ଛନ୍ଦି ହୋଇଯାଏ ମନୁଷ୍ୟ
ଗୀତା, ଭାଗବତ, ପୁରାଣପୋଥି ପଢି ଯାଏନି ତା ପଶୁତ୍ୱ ।
ସବୁ ଧର୍ମକୁ ଜଣାଇ ସମ୍ମାନ ଦେଶ ହୁଏ ଧର୍ମନିରପେକ୍ଷ ରାଷ୍ଟ୍ର
ସୈନିକ ସାଜି ହେବା ସହିଦ କରିବାନି କେବେ ମତିଭ୍ରଷ୍ଟ ।
ଦେଇ ପ୍ରାଣବଳି ଦେଶ ମାତୃକାର ନାମକୁ ରଖିବା ଟେକ
ବିଭିନ୍ନତା ମଧ୍ୟେ ଏକତା ରଖିବା ମୂଳମନ୍ତ୍ର ଯା'ର ଲକ୍ଷ୍ୟ ।
ଭାରତମାତାର ବୀର ପୁତ୍ରଙ୍କୁ କୋଟି କୋଟି ସଲାମ ଆମର
ସମୂହସ୍ୱାର୍ଥକୁ ଦୃଷ୍ଟିରେରଖି ଜୀବନ ଦେଇ ହେଲେ ସେ ଅମର ।
ନିଜ ସ୍ୱାର୍ଥକୁ ଆହୁତି ଦେଇ ଗଢିବା ଆସ ଭାରତର ଯଶକୀର୍ତ୍ତି
ଏ ଶୁଭଲଗନେ ଆସରେ ନେବା ଶପଥ ସଭିଏଁ ଭାରତବାସୀ ।




ଅଧ୍ୟାପିକା
ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ, କଟକ
ମୋ: -୭୫୦୪୮୭୭୫୧୭


## ମୁଁ ତ୍ରିରଙ୍ଗା କହୁଛି


ଦୀପ୍ତି ମିଶ୍ର




ଆଜି ଆକାଶ ଉଲ୍ଲସିତ
ମୋରି ସ୍ପର୍ଶରେ,
ମାଟି ପୁଲକିତ
ଧରିଛି ବୋଲି ମୋତେ ବକ୍ଷରେ,
ଯେଉଁଠି ପବନ ଗାଏ
ଜାତୀୟତାର ଗୀତା...
ଶାନ୍ତି ମୈତ୍ରୀ ସଦ୍ଭାବର ଗାଥା,
ଯେଉଁଠି କୋଇଲି ଗାଏ
କୁହୁ କୁହୁ ସ୍ୱରରେ ପ୍ରୀତିର କବିତା,
ଆଉ ସୂର୍ଯ୍ୟ କହେ ନୂଆ ସକାଳର କଥା ...
ମୋତେ ଦେଖ.....
ମୁଁ କେମିତି ତୁମ ମାନଙ୍କ
ସ୍ମୃତିକୁ ଉଜ୍ଜୀବିତ କରି
ଉଡୁଛି ଫର ଫର ହୋଇ ।

ଆଜି ଦିନ ମନେ ପକାଇ ଦିଏ
ଅତୀତ ବୀରଶହୀଦର କୀର୍ତ୍ତିରାଜି
କେତେ କେତେ ତ୍ୟାଗ,
ବଳିଦାନର ଫଳ ମୁଁ ତୁମରି ତ୍ରିରଙ୍ଗା
କେତେ ଦୁର୍ଦ୍ଦିନ କୁ ସାମ୍ନା କରିଛି
କେତେ ପରିବାର ଉଚ୍ଛନ୍ନ ହୋଇଛି
କେତେ କୋରଡ଼ା ମାଡ଼ର
ଶିକାର ହୋଇଛି ଏଇ ମାଆର ପୁଅ
ମୋରି ପାଇଁ....
କେତେ ଲହୁ ଲୁହ ନିଗାଡି ଦେଇଛି
ଏଇ ମାଟିର ସୁଯୋଗ୍ୟ ବଂଶଧର
ମୋ ପାଇଁ, କଣ ଭୁଲି ଗଲ ସବୁ ?
ମୁଁ ତ୍ରିରଙ୍ଗା କହୁଛି ।

ଆଜି ମାଟି ମା' କାନ୍ଦୁଛି
ତାରି ସନ୍ତାନ ମାନଙ୍କର
ଦୁର୍ଦ୍ଧର୍ଷ ଲଢ଼େଇ ଦେଖି,
ଅକାଳ ଅପମୃତ୍ୟୁ ଦେଖି,
ଦୁର୍ବଳ ଉପରେ ସବଳର
ଅନ୍ୟାୟ ଅତ୍ୟାଚାର ଦେଖି,
ପୂର୍ବ ଗୌରବକୁ ମନେ ପକାଅ
ମୁଁ ତ୍ରିରଙ୍ଗା କହୁଛି
ପରାଧିନତାର ଶୃଙ୍ଖଳକୁ ଆଉ ପିନ୍ଧନା
ମୋତେ ଆଉ ରକ୍ତର ଛିଟା ଫିଙ୍ଗନା ।

ମୁଁ ତ୍ରିରଙ୍ଗା କହୁଛି...
କାନ ଡେରିଲେ ଶୁଣାଯିବ
ମାଟି ମା'ର କଇଁ କଇଁ କ୍ରନ୍ଦନର ସ୍ୱର
ମୋରି ଆହ୍ୱାନ,
ଆସ ଭ୍ରାତୃଭାବର ଶୃଙ୍ଖଳରେ
ଯୋଡ଼ି ରଖ ମୋତେ
ପ୍ରୀତି ଓ ମୈତ୍ରୀ ର ଫୁଲ ମାଳ
ରେ ଭରି ଦିଅ ପରସ୍ପରର କଣ୍ଠ ଦେଶ
ଦୂରେ ଫିଙ୍ଗି ଦେଇ ହିଂସା,
ଈର୍ଷା ଆଉ ସ୍ୱାର୍ଥପରତାର
ଘୋଡ଼ି ହୋଇଥିବା ଚାଦର....
ତୁମର ସ୍ୱର୍ଣ୍ଣ ମୟ ଅତୀତକୁ ସମ୍ଭାଳି ରଖ
ସଭିଏଁ ମୋତେ ଦେଖ, ସଭିଏଁ ମୋତେ
ଶୁଣ....
ମୁଁ ତ୍ରିରଙ୍ଗା କହୁଛି ।


ବାରିପଦା
ମୋ - ୯୪୩୮୪୦୪୩୦୮

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସରକାରୀ ଓକିଲ ନିଯୁକ୍ତି ବ୍ୟବସ୍ଥା

ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ଏକ ଅଲିଖିତ ଆଇନଗତ ବ୍ୟବସ୍ଥା ରହିଛି। ତାହାହେଲା କେନ୍ଦ୍ର ହେଉ ବା ରାଜ୍ୟ, ସରକାର ବଦଳିବା ମାତ୍ରେ ପ୍ରଶାସନିକ ବ୍ୟବସ୍ଥା ସହ ଆଇନଗତ ବ୍ୟବସ୍ଥା କୁହାଯାଉଥିବା ଓକିଲ ନିଯୁକ୍ତି ବ୍ୟବସ୍ଥାରେ ମଧ ପରିବର୍ତ୍ତନ ହୋଇଥାଏ। ସ୍ୱାଭାବିକ ଭାବେ ହାଇକୋର୍ଟ ଓ ତଳକୋର୍ଟରେ ସରକାରୀ ଓକିଲ ନିଯୁକ୍ତି ପାଇଁ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଥାଏ। ସେହିକ୍ରମରେ ଓଡ଼ିଶାରେ ସରକାର ବଦଳିବା ସହିତ ନୂଆ ଆଡ୍‌ଭୋକେଟ୍ ଜେନେରାଲ୍‌ଙ୍କୁ ନିଯୁକ୍ତ କରାଯାଇଛି। ଏହାପରେ ସରକାରୀ ଆଇନଜୀବୀ ବା ଜିଏ, ଏଜିଏ (ଅତିରିକ୍ତ ସରକାରୀ ଆଇନଜୀବୀ), ଷ୍ଟାଣ୍ଡିଂ କାଉନସିଲ ଓ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ ପଦକୁ ନେଇ ଧାଁ ଧଉଡ଼ ଆରମ୍ଭ ହୋଇଯାଇଛି। ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଦକ୍ଷ, ସଚ୍ଚୋଟ ଓ ଅନୁଭବୀ ତଥା କୋର୍ଟ ମାମଲା ପରିଚାଳନାରେ ପାରଙ୍ଗମ ଥିବା ସଚ୍ଚୋଟତା ପ୍ରମାଣପତ୍ରଧାରୀ ଓକିଲମାନଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯିବା କଥା। ମାତ୍ର ପ୍ରଥା ଅନୁଯାୟୀ କ୍ଷମତାସୀନ ରାଜନୈତିକ ଦଳପ୍ରତି ଆନୁଗତ୍ୟ ଥିବା ଓକିଲମାନଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯାଉଛି। ଏହି ଅଲିଖିତ ପରମ୍ପରାରେ ଅନେକ ଦକ୍ଷ ଓକିଲ ବାଦ୍ ପଡୁଛନ୍ତି। ଅନେକ ମାମଲାରେ ସରକାର ହାରିବା ଘଟଣାରୁ ସରକାରୀ ଓକିଲମାନଙ୍କ ପାରଦର୍ଶିତା ପ୍ରମାଣିତ ହେଉଛି।ଏଥର ସରକାରୀ ଓକିଲ ଚୟନରେ ସଚ୍ଚୋଟ, ଦକ୍ଷ, ଅନୁଭବୀସମ୍ପନ୍ନ ଓ ଯୁବ ଓକିଲ ମାନଙ୍କୁ ସୁଯୋଗ ଦେବାକୁ ଓକିଲାମାନଙ୍କ ସମେତ ବୁଦ୍ଧିଜୀବୀ ଓ ଓଡ଼ିଶାବାସୀଙ୍କ ତରଫରୁ ଦୃଢ଼ ଦାବି ହେଉଛି। ପୁନଶ୍ଚ ଯେଉଁ ଓକିଲମାନେ କେନ୍ଦ୍ର ସରକାର ଓ କ୍ୟାଟ୍ ପ୍ୟାନେଲ୍‌ରେ ଅଛନ୍ତି ସେମାନଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପ୍ୟାନେଲରେ ନ ରଖିବାକୁ ମଧ ଦାବି ଉଠୁଛି। ସରକାର ଏହାର ଯଥାଯଥ ନ୍ୟାୟପୂର୍ଣ୍ଣ ବିଚାର କରିବେ ବୋଲି ଆଶା। ସରକାରୀ ଆଇନଜୀବୀ ବ୍ୟବସ୍ଥାରେ ଉଚ୍ଚତମ ନ୍ୟାୟାଳୟଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ, ଅଦାଲତରେ ମାମଲା ପରିଚାଳନା ସମୟରେ ଏଜି ବା ଆଡଭୋକେଟ ଜେନେରାଲ ହେଉଛନ୍ତି ସରକାରଙ୍କ ଆଇନ ପ୍ରତିନିଧି। ତାଙ୍କ ଦ୍ୱାରା ଆଇନଜୀବୀ ପ୍ୟାନେଲ ଗଠିତ ହୋଇଥାଏ। ବିଚାରାଳୟରେ ଏଜି ଓ ସରକାରୀ ଆଇନଜୀବୀ ପ୍ୟାନେଲ ଉପରେ ସରକାରଙ୍କ ଜିତାପଟ ଏବଂ ଅନେକ ମାମଲାରେ ସ୍ଥିତି ରକ୍ଷା ନିର୍ଭର କରେ। ସରକାର ଯାହା କରୁଛନ୍ତି ତାହା କେତେ ଦୂର ଠିକ ବା ତାହା ସାଧାରଣ ଲୋକଙ୍କ ପାଇଁ କ'ଣ ଆବଶ୍ୟକତା ରହିଛି ଏବଂ ସର୍ବୋପରି ସମସ୍ତ କାର୍ଯ୍ୟ ଆଇନର ନିୟମ କାନୁନ ପରିସୀମା ଭିତରେ ହେଉଛି କି ନାହିଁ ଏହାକୁ ବୁଝାଇବାର କାମ ହେଉଛି ଏହି ପ୍ୟାନେଲର। ଏଠାରେ ସୂଚନା ଦିଆଯାଇପାରେ ଯେ ଏଜିଙ୍କ ପ୍ୟାନେଲରେ ଯେତେ ଦକ୍ଷ ଆଇନଜୀବୀ ରହିବେ ସେହିକ୍ରମରେ ସରକାର ମଧ ସେତେଟା ସକ୍ରିୟ ରହିବେ। ଆଇନଗତ ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା ହାଇକୋର୍ଟରେ ଆଡଭୋକେଟ ଜେନେରାଲଙ୍କୁ ମିଶାଇ ଏହି ପ୍ୟାନେଲରେ ବିଭିନ୍ନ କୋର୍ଟରେ ମାମଲା ପରିଚାଳନା ପାଇଁ ୭୩ଜଣ ଆଇନଜୀବୀ ରହିବେ। ଜଣେ ଜିଏଙ୍କ ବ୍ୟତୀତ ୩୫ଜଣ ଏଜିଏ, ଜଣ୍ଢେ ଷ୍ଟାଣ୍ଡିଂ କାଉନସିଲ ଓ ୩୫ ଜଣ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ ରହିବେ। ଏହି ପ୍ୟାନେଲରେ କେଉଁ ଆଇନଜୀବୀ, କେଉଁ ମାନଦଣ୍ଡ ଆଧାରରେ ମନୋନୀତ ହେବେ ଓ ସେମାନଙ୍କୁ ନିଯୁକ୍ତି ମିଳିବ ସେ ସଂକ୍ରାନ୍ତରେ ୨୦୧୫ ମସିହାରେ ଉଚ୍ଚତମ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶାବଳୀ ରହିଛି। ତତ୍କାଳୀନ ପ୍ରଧାନ ବିଚାରପତି ପି.ଏସ.ଠାକୁର, ବିଚାରପତି କୁରିଏନ୍ ଯୋଶେଫଙ୍କ ଖଣ୍ଡପୀଠ ସ୍ପଷ୍ଟ ଭାବେ ନିର୍ଦ୍ଦେଶାବଳୀରେ କହିଛନ୍ ଯେ ରାଜନୈତିକ ଆନୁଗତ୍ୟ ଆଧାରରେ ବିଧି ଅଧିକାରୀ ବା ଆଇନଜୀବୀଙ୍କୁ ନିଯୁକ୍ତି କରାଗଲେ ନ୍ୟାୟିକ କାର୍ଯ୍ୟ ଚାଲିପାରିବ ନାହିଁ। ବରଂ ଦଳୀୟ ଆନୁଗତ୍ୟ ପରିବର୍ତ୍ତେ ଆଇନ ସମ୍ପର୍କରେ ଜ୍ଞାନ ଥିବା ସଚ୍ଚୋଟ ଓ ମେଧାବୀ ବ୍ୟକ୍ତିଙ୍କୁ ସରକାରୀ ଆଇନଜୀବୀ ଭାବେ ନିଯୁକ୍ତି ଦିଆଯିବା ଆବଶ୍ୟକ। କେବଳ ସେତିକି ନୁହେଁ ଉଚ୍ଚତମ ନ୍ୟାୟାଳୟ ଆହୁରି ମଧ କହିଥିଲେ ଯେ ସରକାରୀ ଆଇନଜୀବୀଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ସରକାର ଏକ ପ୍ୟାନେଲ ପ୍ରସ୍ତୁତ କରିବେ, ଯାହାର ତାଲିକା ସମ୍ପୃକ୍ତ ରାଜ୍ୟର ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ନିକଟକୁ ପଠାଯିବ। ମୁଖ୍ୟ ବିଚାରପତିଙ୍କ ସହମତି ଓ ଅନୁମୋଦନ ପରେ ଏହି ପ୍ୟାନେଲ ଚୂଡ଼ାନ୍ତ ହେବ। ତତ୍କାଳୀନ ପଞ୍ଜାବ-ହରିୟାଣା ସରକାରଙ୍କ ସମୟରେ ସେଠାକାର ଉଚ୍ଚତମ ନ୍ୟାୟାଳୟ ସରକାରୀ ଆଇନଜୀବୀ ନିଯୁକ୍ତିକୁ ନେଇ ଦେଖାଦେଇଥିବା ସମସ୍ୟା ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ଏହି ଆଦେଶ ଦେବା ସହ ସମଗ୍ର ଦେଶରେ ସରକାରୀ ଆଇନଜୀବୀ ନିଯୁକ୍ତି ପ୍ରକ୍ରିୟାରେ ସଂସ୍କାର ଆଣିବା ପାଇଁ ଏହାର ଅନୁପାଳନ ପାଇଁ ପରାମର୍ଶ ଦେଇଥିଲେ। ଅନେକ ରାଜ୍ୟରେ ଏବେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ଆଧାରରେ ଏଜିଙ୍କ ପ୍ୟାନେଲ ଗଠନ ହୋଇ ଆସୁଅଛି। ତଥାପି ଅନେକ ସମୟରେ ଅନେକ ରାଜ୍ୟରେ ଏଭଳି ଦଳୀୟ ଆନୁଗତ୍ୟକୁ ଗୁରୁତ୍ୱ ଦିଆଯାଉଛି, ଯାହାର ବିଷମ ପରିଣତି ସ୍ୱରୂପ ଅନେକ ମାମଲାରେ ରାଜ୍ୟ ସରକାର ହାରି ଯାଉଛନ୍ତି ଏବଂ ସରକାରଙ୍କ ଆଇନଗତ ସମ୍ମାନ ତଳେ ପଡ଼ିଯାଉଛି। ତେଣୁ ଓଡ଼ିଶାରେ ସରକାର ଏହି ଦିଗ ପ୍ରତି ଗୁରୁତ୍ୱ ଦେବା ବାଞ୍ଛନୀୟ।



## ବହୁଧନ ଚିନ୍ତାରେ ସମସ୍ତ ଲୋକମାନେ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

କୁହାଯାଏ ମହାଜନ ଓ ମହାଭଜ ଏମାନେ 'ମହା' ସୟନ୍ଧ ହେତୁ ଧନରେ ସର୍ବଦା ମତି ରଖିଥାନ୍ତି। ମହାଜନ ମାନେ ପୁଣି ଦୁଇ ଭାଗରେ ବିଭକ୍ତ। ଶାସ୍ତ୍ରଜ୍ଞାନରେ ଧନବାନ ଆଉ ଧନ କାରବାର କରି ଧନୀ ହୋଇଥାନ୍ତି ଏମିତି ଆଉ ଏ ଭାଗ ଧନୀ ଜନମତ ସପକ୍ଷ ପାଇ ଧନୀ ହୋଇପାରନ୍ତି। ଲହଡି ଗଣି ଧନୀ ହେବା କଥା ପିଲାବେଳେ ଆମେ ଶିଶୁ ସାହିତ୍ୟରେ ପଢ଼ିଛେ। ସମୁଦ୍ର ଲହଡ଼ି ଗଣତି କରିବା ସମ୍ଭବ ନୁହେଁ ହେଲେ ଏହାକୁ ଆଳକରି କେହି ବ୍ୟକ୍ତି ଯେ ଧନୀ ହୋଇପାରନ୍ତି ସେଥିରେ ବିଷୟବସ୍ତୁ ଶିରୋନାମାରେ ଏହା ଦର୍ଶାଯାଇଛି। ବିଲେଇ କପାଳକୁ ଶିଖା ଛିଡ଼ିବା। ଶିକାରେ ଦୁଗ୍ଧ ବା ଘୃତ ରହିଛି। ତଳେ ଥିବା ବିଲେଇ ଶିକାକୁ ଛୁଇଁ ପାରୁନାହିଁ ହେଲେ ବିଲେଇ ତଳେ ରହି ଶିକା ଛିଡ଼ି ତଳେ ଖସିପଡ଼େ ତେବେ ବିଲେଇର ଆନନ୍ଦ କହିଲେ ନସରେ। ଏହା ବିଲେର କପାଳ ବର୍ତ୍ତମାନ ଏପରି ଅବସ୍ଥା ରାଜକର୍ମଚାରୀଙ୍କ କ୍ଷେତ୍ରରେ ନେତାଙ୍କ କ୍ଷେତ୍ରରେ ଆସିଯାଉଛି।

ଦୀପ ତେଜିଲେ ହାତ ଚିକ୍କଣ। ଦୀପ ଜାଳିବା ପାଇଁ ଦୀପର ତେଜଣା ଦରକାର ପୁଣି ତେଜଣା ସେହି ଦୀପରେ ପଡ଼ିଥାଏ ବତୀକୁ। ଦୀପ ତଳେ ଭଣ୍ଡାରରୁ ଦୀପର ଜ୍ୱଳନ ଦିଗକୁ ତେଜିଲେ ଦୀପ ଜଳିଥାଏ। ଏ କାର୍ଯ୍ୟରେ ଦୀପ ତେଜିବା ଲୋକର ହାତରେ ଦୀପର ଜାଳେଣୀ ଲାଗେ। ଏ ଧାରରେ ଲୋକଙ୍କ ପାଇଁ କିଛି ଅତି ଦରକାରୀ କାର୍ଯ୍ୟର ବୟାନ ଦର୍ଶାଇ ସେ କାମରେ ଖର୍ଚ୍ଚାରୁ କିଛି ଉଦରସ୍ଥ କରାଇବା ମାନସରେ ଅନେକଙ୍କ ଏପରି ବୁଦ୍ଧି ସୃଷ୍ଟି କରିବାକୁ ହୁଏ। ସଭାରେ କାନ୍ଦି କାନ୍ଦି ଲୋକଙ୍କ ଅସୁବିଧା ଦର୍ଶାନ୍ତି। ଯାହା ମେଡ଼ିଆ ପ୍ରଚାର କରୁଛନ୍ତି, ଶେଷରେ ସରକାରୀ ନଥିରେ ଗ୍ରାହ୍ୟ ଓ ତେଜଣା ଧାରୀ ସିଂହଭାଗ ଶୃଙ୍ଖଳାରେ ହାସଲ କରି ଧନୀ। ପଶୁ ବିକ୍ରୀ, ଜମି ବିକ୍ରୀ, ଦ୍ରବ୍ୟ ବିକ୍ରୀ ଏ ମଧରେ ଦଲାଲ ରହୁଛନ୍ତି। କ୍ରେତା ବିକ୍ରେତାଙ୍କ ଉଭୟଙ୍କ ଠାରୁ ପୁଣି ହାସଲ କରୁଛନ୍ତି। ଏଥିରେ ସେ ଧନୀ। ଏ ସମୟରେ ଜମି ବିକ୍ରୀକାରୀ ପ୍ରତ୍ୟକ୍ଷ ଗ୍ରାହକ ପାଉନାହାଁନ୍ତି କି ପ୍ରତ୍ୟକ୍ଷ ଗ୍ରାହକ ଜମି ବିକ୍ରେତାଙ୍କୁ ଖୋଜି ପାରୁନାହାଁନ୍ତି। ମହଙ୍ଗା ଜମିକୁ ଶସ୍ତା ଜମି ଆଖ୍ୟାରେ ପ୍ରଚାରରେ ଦଲାଲମାନେ ବିକ୍ରୟ କରାଇ ନିଜେ ଧନୀ ହେଉଛନ୍ତି। ପୂର୍ବେ ଜମିଦାରୀ ନିଲାମ ହେଉଥିଲା ନିଲାମଧାରୀ ଧରିଥିବା ଦରରୁ ଅନେକ ଅଧିକା ଦରରେ ଜମିଦାରୀକୁ ଅନ୍ୟକୁ ହସ୍ତାନ୍ତର କରୁଥିଲେ। ହାଇକୋର୍ଟ ବିଲ ପରେ ଜମି ଓଡ଼ିଶାରେ ଜମିଦାର ଜମିରୁ ନିଲାମସ୍ଥ ବହୁ ସମୟର ପଥ ହେଲେ ରାଜା ଆଦେଶ ରାତ୍ରି ପାହିଲେ ଜମିଦାରର ଜମି ଆଉ ତାର ଅଧିକାରରେ ରହୁନଥିଲା। ଅନ୍ୟ ଜଣେ ଦଖଲଦାର ହେଉଥିଲେ। ସୂର୍ଯ୍ୟାନ୍ତ ଆଇନ ବୋଲି ଏକ ଆଇନ ସେ ବେଳରେ ବଳବତ୍ତର ରହି ଅନେକ ବଙ୍ଗଦେଶୀଙ୍କୁ ଓଡ଼ିଶାର ଜମିଦାରୀ ଅଧିକାର କରାଇଥିଲେ। ଜମି ତ ସମ୍ପତ୍ତି ଏହାକୁ ବିକିଲେ ଧନ ଅମାପ ସବୁକଳରେ ମିଳେ। କଳାକାର ଗରିଗର ସୃଜନୀ ଶକ୍ତିର ଲୋକ ଏମାନଙ୍କ କଳାଚାତୁରୀରେ ରୋଜଗାର ଧନୀ ମାନଙ୍କର ଯୌନଚର୍ଯ୍ୟା ପାଇଁ ସୁନ୍ଦରୀ ନାରୀ ନର୍ତ୍ତକୀ ବାଇଙ୍କର ଅର୍ଥ ଅଭାବ ରହେନାହିଁ। ଶିକ୍ଷାଦାନରେ ଏ ସମୟରେ ବହୁ ପଇସା କୋଚିଂ ସେଣ୍ଟରରେ ଛାତ୍ର ଭିଡ଼ ଲାଗିରହିଛି ନାମ କରା କୋଚିଂ ସେଣ୍ଟର ନାମକରା ଶିକ୍ଷକ ଅନେକ ଅର୍ଥ ରୋଜଗାରରେ ଲିପ୍ତ ହୋଇ ଧନୀ। ରୋଗୀ ସଂଖ୍ୟା କମିବା ନାମ ଧରୁନାହିଁ। ରୋଗ ବଢ଼ିବାରେ ଲାଗିଛି। ନୂଆ ନୂଆ ଚିକିତ୍ସା ପଦ୍ଧତି ଯନ୍ତ୍ରପାତି ଔଷଧ ମିଳୁଛି। ଡାକ୍ତର ବଢ଼ୁଛନ୍ତି ଏହି ପ୍ରକାରରେ ଏଥିରେ ବି ବେଳକୁ ବେଳ ଭଲ ରୋଜଗାର ଏମାନେ ରୋଗୀଙ୍କ ପାଇଁ ରୋଗୀଙ୍କ ପଇସାରେ ଧନୀ। ନ୍ୟାୟପାଳିକା ଯୁଗେ ଯୁଗେ ବହୁ ପ୍ରକାର ବିଚାରାଳୟବାଦୀ ପ୍ରତିବାଦୀ ବିନା ଓକିଲରେ ମକଦ୍ଦମା ଲଢ଼ି ପାରିବେ ନାହିଁ ବାସ ମାମଲାରୁ କାର ସର୍ବନାଶ କାର ପୁଷମାସ ଧାରାରେ ଓକିଲମାନେ ଭଲ ବୃତ୍ତିଧାରୀ ଏଥିରୁ ଭଲ ପଇସା ମିଳୁଛି।

ଦୂର ରାଜ୍ୟ ଦୂର ଦ୍ରବ୍ୟ ଅନ୍ୟ ରତ୍ନର ଆମଦାନୀ ଦ୍ରବ୍ୟ ଆଣି ଖାଉଟିଙ୍କ ଘର ପାଖରେ ବିକ୍ରୟକାରୀ ଭଲ ପଇସା ଅର୍ଜନ କରୁଛନ୍ତି। ପୋଖରୀ ହ୍ରଦ ସମୁଦ୍ରରୁ ମାଛ ମାରି ତାକୁ ବିକ୍ରୟ କରି ଧନୀ ଖାତାକୁ ଆସିପାରନ୍ତି। ଗୁଜୁରାଣ ମେଣ୍ଟାଇବା ସହିତ ଧନ ସଞ୍ଚୟ କରିପାରନ୍ତି। ଜାଲ ପୋଲୁହ, ଖଇଞ୍ଚ୍, ଉତ୍ତରୀଜାଲ କଠି ଅଡ଼ା, ବନସୀ ଆଦିରେ ମାଛ ଧରାଯାଉଛି। ଏ ବୃତ୍ତିରେ କେହି କେବେ ବିଫଳ ନୁହଁନ୍ତି ସ୍ୱକୁଟୁମ୍ବ ସୁରୁଖୁରୁ ଚଳାଉଛନ୍ତି। ଏଥିରେ ପୁଞ୍ଜି ଅଧିକ ଲଗାଇ ଡଙ୍ଗା ଟ୍ରଲର କରି ଶୀଘ୍ର ଧନୀ ହୋଇପାରୁଛନ୍ତି। ଏବେ ଭଲ ବ୍ୟବସାୟ ରାଜନୀତି ହୋଇଗଲାଣି। ତ୍ୱରିତ ଧନୀରେ ଏ ବିଦ୍ୟା ବିଶେଷ କାମଧେନୁ ପାଲଟି ଗଲାଣି। ବଂଶାନୁକ୍ରମିକ ରାଜନୀତି ଚାଲିଛି ଏହା ଆଉ ବନ୍ଦ ହେବା ଜଣାପଡୁ ନାହିଁ। ଚିତ୍ତ ବିନୋଦନ ମନୋରଞ୍ଜନ ଧନ୍ଦାରେ ସିନେମା ଅପେରା ନାଚ ତମାସା ପାଲା ଦାଶ, କାଠିଆ ପ୍ରବଚନ ମେଲୋଡ଼ି ଆଦିରେ ଏବେ ଅନେକ ଦର୍ଶକ ଶ୍ରୋତା ଟିଭି ମୋବାଇଲରେ ଅନେକ ଦର୍ଶକ ବଢ଼ୁଛନ୍ତି। ଏସବୁରେ ଆସୁଥିବା କଳାକାରଙ୍କ ରୋଜଗାର କମ ନୁହେଁ କମ୍ପାନୀ ଲାଲେଲାଲ। ମେହେନ୍ତର କାର୍ଯ୍ୟ ଦିନେ ଏକ ନିନ୍ଦନୀୟ ଥିଲା। ଏବେ ଏହା ବିଶେଷ ରୋଜଗାରର ଉତ୍ସ ହେଲାଣି। ଝାଡୁଦାର କାମ ବି ହୀନବୃତ୍ତି ନୁହଁ। ଦ୍ୱାରପାଳ ଦରୱାନ ସିକ୍ୟୁରିଟି ବୃତ୍ତି ବି ରୋଜଗାରୀ ହେଲାଣି। ସୁନା ମହଙ୍ଗା ହେଲେ ବି ସୁନା ଦୋକାନର ବାଲି ଧୂଳି ବି ଚଢ଼ାଦାମ। ଏଥିରୁ ଘୁ ଧୂଆ ବ୍ୟକ୍ତିମାନେ ସୁନାରେଣୁ ସଂଗ୍ରହ କରି ତାକୁ ତରଳାଇ ଭଲ ସୁନା କରି ବିକ୍ରୟ କରି ଧନୀ ହେଉଛନ୍ତି। ଛିଣ୍ଡା କପଡ଼ା, ପରିତ୍ୟକ୍ତ କାଗଜ, ପରିତ୍ୟକ୍ତ ଚୁଟି, ନାନାଦି ଅଳିଆ ମଇଳା ଆଦି ସଂଗ୍ରହକାରୀ ତାକୁ କିଛି ଚଢ଼ା ଦରରେ ବିକ୍ରୀକରି ଧନୀ ହେଉଛନ୍ତି କବାଡ଼ି ବାଲା ସବୁ ପରିତ୍ୟକ୍ତ ଗାଡ଼ି ଗାଡ଼ିର ଚକା ବ୍ୟାଟ୍ରି ଗାଡ଼ିର ଅଂଶ ସଂଗ୍ରହ ଓ ବିକ୍ରି କରି ଧନୀ ହେଉଛନ୍ତି। ଏପରି ଅନେକ ଧନ ଅର୍ଜନ ପଥ ଏବେ ବହୁ ଲୋକଙ୍କୁ କର୍ମମୁଖର କରିଛି ହେଲେ ଶୁଦ୍ଧ ବୈଷୟିକ କୌଳିକ ବୃତ୍ତି ଏବେ ଅବହେଳିତ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋ: ୯୪୩୭୦୩୧୨୫୩

## କୃଷି ଉପଯୋଗୀ ଗଙ୍ଗାଧର ସାହିତ୍ୟ

### ବୈଷ୍ଣବ ମେହେର

କୃଷିକାର୍ଯ୍ୟ ଭାରତୀୟଙ୍କ ଜୀବନ ଧାରାର ମୂଳ ଆଧାର ହୋଇ ବହୁକାଳରୁ ରହିଆସିଛି। ଦିନଥିଲା ପ୍ରାୟ ସମସ୍ତେ କୃଷି ଉପରେ ହିଁ ନିର୍ଭର କରୁଥିଲେ। ଏପରି ସ୍ଥଳେ ଚାଷୀଙ୍କ ଉନ୍ନତିରେ ହିଁ ଦେଶର ବିକାଶ ପର୍ଯ୍ୟବେଶିତ ଥିଲା। ତେଣୁ ଜଣେ ଦେଶପ୍ରେମୀ, ମାଟିପ୍ରେମୀ ମଣିଷ ଭାବରେ ସ୍ୱଭାବକବି ଗଙ୍ଗାଧର ମେହେର ସେତେବେଳେ କୃଷି ଓ କୃଷକଙ୍କ ବିକାଶର ଚିନ୍ତା କରିଥିଲେ। ସେ ସମୟରେ କୃଷକଙ୍କ ପାଇଁ ବିଶେଷ ସୁବିଧା ସୁଯୋଗ ନଥିବାରୁ ପୂର୍ବପୁରୁଷଙ୍କ ଠାରୁ ଯେପରି ଶିଖୁଥିଲେ ସେହି ପୁରୁଣା ପଦ୍ଧତିରେ ହିଁ କୃଷିକାର୍ଯ୍ୟ କରୁଥିଲେ। କହିବାକୁ ଗଲେ ଚାଷକୁ ନେଇ ବିଶେଷ ଜ୍ଞାନ କୃଷକଙ୍କ ନଥିବାରୁ ସେମାନଙ୍କୁ ଅନେକ ସମୟରେ କ୍ଷତି ସହିବାକୁ ପଡୁଥିଲା। ଏପରିସ୍ଥଳେ କବି ଗଙ୍ଗାଧର ନିଜ ସାହିତ୍ୟ ମାଧ୍ୟମରେ କୃଷି କାର୍ଯ୍ୟକୁ ନେଇ ମାର୍ଗଦର୍ଶନ କରିବାର ସଙ୍କଳ୍ପ ନେଇ ଲେଖନୀ ଚାଳନା କଲେ। କବି ନିଜ କୃଷକ ସଙ୍ଗୀତ କାବ୍ୟରେ ଅନ୍ନର ମହିମା ଗାନ ସହ 'କୃଷିର ଗୌରବ', 'କୃଷକର ଆତ୍ମକଥା' ଆଦି ଲେଖାରେ କୃଷକର ଆଶା, ଆବଶ୍ୟକତା, ଅନ୍ନର ମହତ୍ୱ, ଚାଷଜମିର ପ୍ରକାର, ଉର୍ବରତା ବୃଦ୍ଧି, ଗୋପାଳନ ଭଳି କୃଷି ସମ୍ବନ୍ଧିତ ଅନେକ ଉପାଦେୟ ତଥ୍ୟ ଗୀତିକବିତା ମାଧ୍ୟମରେ ପ୍ରଦାନ କରି କୃଷି ପ୍ରତି କୃଷକଙ୍କ ଜ୍ଞାନ, ଆଗ୍ରହ ଓ ମନୋବଳ ବୃଦ୍ଧି କରିବାରେ ସହାୟକ ହୋଇପାରିଛନ୍ତି। ଅନ୍ନର ମହିମା ବର୍ଣ୍ଣନା କରିବାକୁ ଯାଇ କବି ଗଙ୍ଗାଧର ଅତ୍ୟନ୍ତ ସାବଲିଳ ଢଙ୍ଗରେ ଗାଇଛନ୍ତି-

'ଅନ୍ନ ଘେନି ରହିଛି ଅଖିଳ ସଂସାର
ଅନ୍ନ ବିନା ଜଗତେ ଉଠେ ହାହାକାର
ଅନ୍ନ ଘେନି ପୃଥିବୀ ସ୍ୱରଗ ସମାନ
ଅନ୍ନ ବିନା ପୃଥିବୀ ସତେ ତ ହୁଅନ୍ତା
ଶମଶାନ ହେ।

ସେହିଭଳି କୃଷକର ଆତ୍ମକଥାରେ କବି ଉଦାରହୃଦୟରେ ଲେଖିଛନ୍ତି-

'ବେଳ ଉଦି ପୃଥିବୀ
ଦିଶିଲେ ଉଜ୍ଜଳ
ଖେତ କର୍ମେ ଲଗାଇଥାଏ
ଦେହ ବଳ
ଗୋରୁଏ ମୋ ହୁଅନ୍ତି
କେବେ ସହକାରୀ
କେବେ ଅବା ହୁଏ
ଏକାକୀ କୋଦାଳୀ
କୋଡ଼ିଧାରୀ ହେ।'

ଏତତବ୍ୟତିତ ଅଲଗା ଅଲଗା ଭାବରେ ଧାନ, ଆଖୁ, ଚଣା, ମୁଗ, ମକା, ଗହମ, କନ୍ଦମୂଳ, ଆଳୁ, ବାଇଗଣ, ଲଙ୍କାମରିଚ, କୋବି, ପଟୋଳ, କଦଳୀ, ଧନିଆ ଆଦି ଶସ୍ୟ ଓ ପନିପରିବା ଜାତୀୟ ଚାଷର ଉପକାରୀତା ଏବଂ ଚାଷ ପଦ୍ଧତି ବିଷୟରେ ସୁନ୍ଦର ଗୀତ ମାଧ୍ୟମରେ ଗଙ୍ଗାଧରଙ୍କ ବର୍ଣ୍ଣନା କୃଷକଙ୍କ ମଧ୍ୟରେ କୃଷିଜ୍ଞାନକୁ ବହୁଳ ଭାବରେ ପରିବର୍ଦ୍ଧିତ କରିଛି। ସେ ଧାନ ଚାଷକୁ ନେଇ ଗୋଟିଏ ପଦରେ କହିଛନ୍ତି-

'ସମୟରେ ଭୂମିକି କରିଥିବ ଚାଷ
ସମୟରେ ନିର୍ମାଣ କରିଥିବ ବାସ
କରିଥିଲେ ସମୟେ
ସବୁ ଆୟୋଜନ
କର୍ମେ ସ୍ଥିଦ୍ଧ ସୁଫଳ ସୁଯଶ ଲଭନ୍ତି
ସର୍ବଜନ ହେ।'

ବାସ୍ତବରେ କବିଙ୍କ ଉକ୍ତ ପଦକୁ ଅନୁଧ୍ୟାନ କଲେ ଏହା କେବଳ ଧାନ ଚାଷ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ପ୍ରତି କ୍ଷେତ୍ରରେ ମଣିଷ ଜୀବନର ସଫଳତାର ମାର୍ଗ ଏଠାରେ ଉନ୍ମୋଚିତ ହୋଇଛି। ପୁନଶ୍ଚ କୃଷକଙ୍କ ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଅର୍ଥକାରୀ ଫସଲ ଆଖୁ, ଛଣ, କପା, ପାନଚାଷ ଆଦି ବିଷୟରେ ମଧ୍ୟ କବି ଜ୍ଞାନଲବଷ୍ଠ ଆଲୋଚନା କରିଥିବା ଦେଖିବାକୁ ମିଳେ। ଆଖୁଚାଷ ସମ୍ବନ୍ଧିତ ନିମ୍ନ ପଦରେ କବି ଯାହା କହିଛନ୍ତି ତା'ହା ଜୀବନରେ ପରିଶ୍ରମର ଶ୍ରେଷ୍ଠତାକୁ ପ୍ରତିପାଦିତ କରୁଛି।

'ଚଷା କହେ ଅମୃତ ଉପୁଜେ
ମୋ ଘରେ
ତହିଁ ପାଇଁ ଶ୍ରମକୁ ବରଣ ମୁଁ କରେ
ଶ୍ରମ ଏକା ଅଟଇ ଅମୃତ-ଜନନୀ
ଶ୍ରମ ମୋର ଜୀବନ ସଙ୍ଗିନୀ କି ଦିନ
କି ରଜନୀ ହେ'

'କୃଷକ ସଙ୍ଗୀତ' ରଚନାର ଅନ୍ୟ ଏକ ଉଦ୍ଦେଶ୍ୟ ବିଷୟରେ ଉକ୍ତ ସଂକଳନର ମୁଖବନ୍ଧରେ ଗଙ୍ଗାଧର ନିଜେ ଲେଖନ୍ତି ଯେ, କୃଷକମାନେ ହଳ ଚାଳନା, ରୂଆକାର୍ଯ୍ୟ, ଧାନକଟା ଆଦି ସମୟରେ ଗୀତ ଗାଇ ନିଜେ ଆମୋଦ ଲାଭ କରିବା ସହ କୃଷିକାର୍ଯ୍ୟରେ ନିୟୋଜିତ ଅନ୍ୟ ଶ୍ରମିକ ଏପରିକି ବଳଦ ମାନଙ୍କୁ ମଧ୍ୟ ଉତ୍ସାହିତ କରୁଥିଲେ। କିନ୍ତୁ ସେତେବେଳେ ସେମାନେ ଗାଉଥିବା ଅଧିକାଂଶ ଗୀତ ଅସଭ୍ୟତା ଓ ଅଶ୍ଳୀଳତା ପୂର୍ଣ୍ଣ ଥିଲା। ଯାହା କବି ଗଙ୍ଗାଧରଙ୍କ ଭଳି ସମାଜ ସଂସ୍କାରକଙ୍କୁ ବ୍ୟଥିତ କରିଥିଲା। ପୁନଶ୍ଚ କୃଷକମାନେ ଯଦି ଠିକ୍ ଭାବରେ କୃଷି କାର୍ଯ୍ୟ ନକରିବେ ତେବେ କୃଷକପୂର୍ଣ୍ଣ ଭାରତୀୟ ସମାଜର ଉନ୍ନତି ନିହାତି ଅସମ୍ଭବ ହୋଇ ପଡ଼ିବ। ତେଣୁ ଗଙ୍ଗାଧର ସେମାନଙ୍କୁ ସରଳ, ସୁଗମ ମାର୍ଗରେ ନିଜର ଗୀତ ମାଧ୍ୟମରେ ଉତ୍ସାହିତ କରିବାକୁ ଉଚିତ ମନେ କରିଥିବା ଉଲ୍ଲେଖ କରିଛନ୍ତି।

ପ୍ରକୃତରେ ଗଙ୍ଗାଧର ମେହେରଙ୍କ ଭଳି ଦୂରଦୃଷ୍ଟି ସମ୍ପନ୍ନ ଓ ଉଦାରବାଦୀ ଲେଖକ ଓଡ଼ିଆ ସାହିତ୍ୟରେ ବିରଳ। କେବଳ ଓଡ଼ିଶା କାହିଁକି ଭାରତବର୍ଷରେ କୃଷି ବିଷୟ ବସ୍ତୁକୁ ଆଧାର କରି ସାହିତ୍ୟ ସୃଷ୍ଟି କରିବା ନିଶ୍ଚିତ ସ୍ୱତଂତ୍ର। ସେଥିପାଇଁ ତ ସମୟ ଯେତିକି ଅତିକ୍ରାନ୍ତ ହେଉଛି କବି ଗଙ୍ଗାଧର ମେହେର ସେତିକି ଅଧିକ ସାଧାରଣରେ ଆଦୃତ ଓ ପ୍ରସାରିତ ହେବାରେ ଲାଗିଛନ୍ତି।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## କ୍ରୋଧ ନିୟନ୍ତ୍ରଣ



### ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ

ମୁନିଋଷିମାନେ କହିଛନ୍ତି କ୍ରୋଧ ମଣିଷର ପରମ ଶତ୍ରୁ, ଏହାକୁ ପରିତ୍ୟାଗ କରିବା ଉଚିତ। କିନ୍ତୁ ସବୁ ମଣିଷଙ୍କ ପାଇଁ କ୍ରୋଧ ପରିତ୍ୟାଗ କରିବା ଏତେ ସହଜ ନୁହେଁ। ଅବଶ୍ୟ ଏକଥା ସତ ଯେ ଯେତେ ବୁଦ୍ଧି, ଜ୍ଞାନ, ସୃଜନଶୀଳତା ଥାଉ କି ଯେତେ ସୁନ୍ଦର ଚେହେରା ଥାଉ, କ୍ରୋଧ ଏସବୁକୁ ନିଷ୍ପ୍ରଭ କରିଦେବ। ଥରେ ଜଣେ ଜ୍ଞାନୀ ଓ ସ୍କୁଲରେ ଭଲ ପାଠ ପଢୁଥିବା ପିଲା ତାର ସାଙ୍ଗମାନଙ୍କୁ ମନ ଇଛା ଗାଳି ଦେଲା। ସାଙ୍ଗମାନେ ତାଠାରୁ ଦୂରେଇ ଗଲେ। ଏହାର କାରଣ ହେଲା ତାର କ୍ରୋଧ ଓ ସ୍ୱାର୍ଥପରତା ଯେଉଁଥିପାଇଁ ସେ ଅନ୍ୟମାନଙ୍କୁ ସମ୍ମାନ ଦେଉ ନଥିଲା। ଏହା ହୋଇଯିବା ପରେ ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି ହେଲା, ଅବସାଦ ବଢ଼ିଲା। ପରୀକ୍ଷାରେ ଖରାପ ହେଲା। ଶେଷରେ ଜଣେ ଶିକ୍ଷକ ଏକଥା ଜାଣିପାରି ତାକୁ ବୁଝାଇଲେ କ୍ରୋଧର ଭୟାବହତା। କାହାକୁ ଆଘାତ କଲେ ଶରୀରର କ୍ଷତ ଶୀଘ୍ର ଭରିଯିବ, କିନ୍ତୁ ରାଗରେ କାହାକୁ ବାଧିଲା ଭଳି କଥା କହିଲେ ସେ କ୍ଷତ ସାରା ଜୀବନ ବି ରହିଯାଇପାରେ। ଅଯଥାରେ ଅନେକ ଶତ୍ରୁ ବାହାରିବେ। ଏଭଳି ଏକାଧିକ ଲୋକଙ୍କୁ ଯଦି ମାନସିକ ଆଘାତ ହେବ ତେବେ କେତେଥର କାହାକୁ 'ଦୁଃଖିତ' ବୋଲି କହି ସ୍ଥିତି ସୁଧାରିବ ? ସାଙ୍ଗସାଥୀ, ଆତ୍ମୀୟସ୍ୱଜନଙ୍କ ସହ ସୁସମ୍ପର୍କ ରକ୍ଷା କରିବାକୁ ହେଲେ ସେମାନଙ୍କ ସୁଖଦୁଃଖରେ ଭାଗୀଦାର ହେବାକୁ ପଡ଼ିବ। କାହାର କାର୍ଯ୍ୟ ବା କଥା ଭଲ ନଲାଗିଲେ ମଧ ସହିବାକୁ ପଡ଼ିବ। ତେଣୁ ଅନ୍ୟକୁ ସ୍ନେହ କର ଓ ସମ୍ମାନ ଦିଅ। ତାହା ହିଁ ହେବ ସର୍ବଶ୍ରେଷ୍ଠ ସଫଳତା।

ପ୍ରତିଷ୍ଠାତା ଓ ଅଧକ୍ଷ, ସ୍ୱାମୀଚିଦାନନ୍ଦ ଓ୍ୱାର୍ଲ୍ଡ ପିସ ଫାଉଣ୍ଡେସନ, ନ୍ୟୁୟର୍କ, ୟୁଏସଏ




### ଶୀତଳ ଭଣ୍ଡାର କରନ୍ତୁ ସର୍କାର

#### ଜୟନ୍ତ କୁମାର ମଲ୍ଲିକ୍



ଅଢ଼େଇ କିଲ ଆଳୁ ମୁଁ ଆଣିଲି
ଛଅ କୋଡ଼ି ପାଞ୍ଚ ଦେଇକି -
ଘରଣୀଟା ମୋର ରଖିଦେଲା ତାକୁ
ରୋଷେଇ ଘରେ ତ ନେଇକି,
କହିଲି ତାକୁ ମୁଁ ଅଳପ ଅଳପ
ତରକାରୀ କରି ଖାଇବା -
କଷ୍ଟେ ମଷ୍ଟେ କିଛିଦିନ ଚଳିଗଲେ
ଶସ୍ତାରେ ତ ଆମେ ପାଇବା,
ଚବିଶ ବରଷ ଧରି ଆଳୁ ପାଇଁ
ଘାଣ୍ଟି ହେଲେ ପୂର୍ବ ସର୍କାର -
ଶୀତଳ ଭଣ୍ଡାର ଗୋଟେବି କଲେନି
ନବୁଝିଲେ କେତେ ଦର୍କାର,
ଏବେକା ସର୍କାର ହ୍ୱନ୍ତି ହରବର
ଆଳୁ ନଦିଅନ୍ତି ଶସ୍ତାରେ -
ଉତ୍ତରପ୍ରଦେଶୁ ଆସୁଅଛି ଆଳୁ
ଭରା ହୋଇକରି ବସ୍ତାରେ,
ଏବେକା ସର୍କାର ସ୍ଥାୟୀ ପ୍ରତିକାର
ଚାହିଁଲେ ତ କରିପାରିବେ -
ନୋହିଲେ ଖାଉଟି ହୋଇ ହନ୍ତସନ୍ତ
ମନରୁ ବିଶ୍ୱାସ ହାରିବେ,
ଆଳୁଚାଷ ପାଇଁ ମିଳୁ ପ୍ରୋତ୍ସାହନ
ନଯାଆନ୍ତୁ କେହି ରୁଷିରେ -
ଶୀତଳ ଭଣ୍ଡାର କରନ୍ତୁ ସର୍କାର
ଚାଷୀଭାଇ ହସୁ ଖୁସିରେ।

ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

### ଆମେ ଏ ଦେଶ ସେନା...

#### ଲକ୍ଷ୍ମୀପ୍ରିୟା ପୃଷ୍ଟି



ଭାରତ ମାଆର ଜାଗ୍ରତ ପ୍ରହରୀ
ଆମେ ଏ ଦେଶର ସେନା
ଶତ୍ରୁକୁ ଦେଇ ଉଚିତ ଜବାବ
କରୁ ତା ଦରପ ଚୂନା।
ମରଣକୁ ଆମେ ବରଣ କରୁ
ହସି ହସି ମାଆ ପାଇଁ
ସାମ୍ନାରେ ଦେଖି ସାହସ ଆମର
ଶତ୍ରୁ ପଡ଼ଇ ନଇଁ।
ସ୍ୱାଧୀନତା ଆମ ସ୍ୱାଭିମାନ ପରା
ତ୍ରିରଙ୍ଗା ଆମର ଟେକ
ପଛ ଘୁଞ୍ଚା ନାହିଁ ଆମରି ଜାତକେ
ଭୟ ସାଜେ ପଳାତକ।
ଜନମ ନେଇଛୁ ଜନ୍ମଭୂମି ପାଇଁ
କରିବାକୁ ସେବା ତାର
ସେଇ ଆମ ପୁଣ୍ୟ ସେଇ ଆମ କର୍ମ
ନାହିଁ ଆନ ଦରକାର।
ଗୁଳିର ଜବାବ ଗୁଳିରେ ଦେଇଛୁ
ଶାନ୍ତିର ସ୍ଥାପନା ପାଇଁ
ଗାଇଛୁ ମୈତ୍ରୀର ମୂର୍ଚ୍ଛନା ଗରବେ
'ଜୟ ହିନ୍ଦ' ଡ଼ାକ ଦେଇ।

+ଦଶରଥପୁର, ଯାଜପୁର-୭୫୫୦୦୬
ମୋ: ୭୩୭୭୩୧୮୭୮୯

### ପ୍ରେମ

#### ଟିକେମଣି ବୁଧିଆ



ପ୍ରେମ ଜୀବନର ଅମୃତ ସଦୃଶ
ଝରିଯାଏ ପ୍ରେମ ଓଠରୁ ମଧୁର ରସ
ପ୍ରେମ ତ ଖୋଲା ହୃଦୟର ଆକାଶ
ଆପଣେଇ ନିଏ ହୃଦୟକୁ ଦେଇ ତା
ପରସ ।।
ଅନ୍ୟଠାରେ ନିଜକୁ
ସମର୍ପଣ କରିବା ହିଁ ତ
ହୋଇଥାଏ ପ୍ରେମର ସ୍ୱଭାବ
ସେହି ପ୍ରେମର ସ୍ୱଭାବ ଛିଟା ରେ
ଗଢି ଉଠିଥାଏ ମଧୁର ଆତ୍ମୀୟ
ସମ୍ପର୍କର ଭାବ ।।
ପ୍ରେମର ମହକ ରେ ମହକିଯାଏ ସଦା
ଏ ହୃଦୟ
ପ୍ରେମ ସ୍ପର୍ଶରେ ହୃଦୟ ହୋଇଯାଏ
ପବିତ୍ର ନିର୍ମଳ
ଅନ୍ଧକାର ହୃଦୟକୁ ବି
ଆଲୋକିତ କରି
ପ୍ରେମର ସ୍ପର୍ଶରେ କରେ ହୃଦୟକୁ
ଉଜ୍ଜ୍ୱଳ ।।
ପ୍ରେମ ଦେଖେନି କେବେ
ଅସୁନ୍ଦର ରୂପ କି
ଧନ ସମ୍ପତ୍ତି ଛୋଟ ବଡ ଭେଦ ଭାବର
ବିଚାର
ପ୍ରେମର ଦୃଷ୍ଟିରେ ସମସ୍ତେ ତ ସମାନ
ସେଥିଲାଗି ପ୍ରେମ କରିନିଏ
ସମସ୍ତଙ୍କୁ ଆପଣାର ।।
ପ୍ରେମର ସ୍ପର୍ଶରେ ସଦା ଜାଗ୍ରତ ହୁଏ
ହୃଦୟରେ ସତ୍ ଭାବନା ଶାନ୍ତିର
ବାତାବରଣ
ଯିଏ ଯେଉଁଠି ଥିଲେ ବି ପ୍ରେମ ସଦା
କରିଥାଏ ସମସ୍ତଙ୍କୁ ଏକତ୍ରୀକରଣ।
ପ୍ରେମର ସ୍ପର୍ଶରେ ଶାନ୍ତି ମୈତ୍ରୀ
ପ୍ରୀତିର ଛିଟା
ସମସ୍ତଙ୍କ ହୃଦୟରେ ମହମହ
ହେଇ ମହକୁଥାଏ
ଯେତେ ଦୁଃଖ ଯନ୍ତ୍ରଣା ହେଲେ ବି
ହୃଦୟରେ ସେହି
ପ୍ରେମର ବାସ୍ନାରେ ଆନନ୍ଦକୁ
ଅନୁଭବ କରିହୁଏ ।।
ବାସ୍ ଏତିକି ଯେ ଆମେ ପ୍ରଥମେ
ପ୍ରେମର
ସଂଜ୍ଞା ସ୍ୱରୂପକୁ ଭଲରେ ବୁଝିବା
ଆବଶ୍ୟକ
ତେବେ ଯାଇ ପ୍ରକୃତ ପ୍ରେମର ସ୍ୱାଦ
ସହ ପାଇ ପାରିବା
ପ୍ରେମ ଫୁଲର ସେହି ଅମୃତ ସଦୃଶ
ମଧୁର ମହକ ।।

ରେଙ୍ଗସାପାଲି କଳାହାଣ୍ଡି
ମୋ: ୭୭୪୯୦୦୯୦୬୧



# ଫୁଲଝରି







# ଗହ୍ମା ପୁନେଇଁ

## ପ୍ରଦ୍ୟୁମ୍ନ ପଟ୍ଟନାୟକ



ମୁନା ମୁନି ବସିଥାନ୍ତି ଜେଜେଙ୍କ ପାଖରେ । ଆଗକୁ ରାକ୍ଷୀ ପୂର୍ଣ୍ଣିମା ଆସୁଥିବାରୁ କଥା ହେଉ ଥାଆନ୍ତି କେମିତି ମନାଇବେ । ମୁନି ମୁନା ହାତରେ ରାକ୍ଷୀ ବାନ୍ଧିଦେବ ଏବଂ ମୁନା ତାକୁ କଣ ଉପହାର ଦେବ ସେ ନେଇ ଭାଇ ଭଉଣୀଙ୍କ ମଧ୍ୟରେ ଚାଲିଥାଏ କଥାବାର୍ତ୍ତା । ଜେଜେ କହିଲେ, ଦେବୀ ସୁଭଦ୍ରା ବି ତାଙ୍କ ଦୁଇ ଭାଇ ଜଗନ୍ନାଥ ଏବଂ ବଳଭଦ୍ରଙ୍କ ହାତରେ ରାକ୍ଷୀ ବାନ୍ଧି ଥାଆନ୍ତି । ତା ଛଡା ସେହି ଦିନ ବି ଗହ୍ମା ପର୍ବ ଓ ବଳଭଦ୍ର ଜନ୍ମ।

ମୁନା ପଚାରିଲା, ଜେଜେ ତୁମ ସମୟରେ ଏମିତି ରାକ୍ଷୀ ପୂର୍ଣ୍ଣିମା ପାଳନ କରା ଯାଉଥିଲା ? ଜେଜେ କହିଲେ, ନା , ଆମ ପିଲା ଦିନେ ଆମେ ରାକ୍ଷୀ ପୂର୍ଣ୍ଣିମା କ'ଣ ଜାଣି ନଥିଲୁ । ଆଜି ଭଳି ସେ କାଳରେ ଏତେ ସୁନ୍ଦର ସୁନ୍ଦର ରାକ୍ଷୀ ବଜାରରେ ମିଳୁ ନଥିଲା । ଆମେ ଗାଆଁରେ ପାଳୁଥିଲୁ ଗହ୍ମା ପୂର୍ଣ୍ଣିମା ଏବଂ ବଳଭଦ୍ର ଜନ୍ମ । ମୁନି ପଚାରିଲା, ସେ ପର୍ବ କେମିତି ପାଳନ କରାଯାଏ ଜେଜେ ?

ଜେଜେ କହିଲେ, ସେଦିନ ଗାଈ ଗୋରୁମାନଙ୍କୁ ପୂଜା କରାଯାଏ । ତାଙ୍କୁ ଗାଧୋଇ ପାଧୋଇ ଦେଇ ତାଙ୍କ ମୁଣ୍ଡରେ ଚନ୍ଦନ ସିନ୍ଦୁର ଚିତା ଲଗାଯାଏ । ତାଙ୍କ ଶିଙ୍ଗରେ ତେଲ କିମ୍ୱା ଘିଅ ମାଲିସ୍ କରାଯାଏ । ତାଙ୍କୁ କଅଁଳିଆ ଦୁବ ଘାସ ଖୁଆଇବା ସହ ପିଠା ଭାତ ବି ଖାଇବାକୁ ଦିଆଯାଏ । ତା ' ବ୍ୟତୀତ ସେଦିନ ଗୁହାଳ କାନ୍ଥରେ ପିଠଉରେ ଚିତା କରାଯାଏ । ସେଥିରେ ଗାଈ ବାଛୁରୀ ଏବଂ ବଳଦଙ୍କ ଚିତ୍ର ସହ ହଳ ଲଙ୍ଗଳ ଆଦି ଚାଷ ଉପକରଣ ଗୁଡିକର ଚିତ୍ର ବି ଅଙ୍କା ଯାଇଥାଏ ।

ସେହି ଦିନ ମଧ୍ୟ ବଳଭଦ୍ରଙ୍କର ଜନ୍ମ ଦିନ । ବଳଭଦ୍ର ଜଗନ୍ନାଥଙ୍କର ବଡ଼ ଭାଇ । ଜଗନ୍ନାଥ ଯେପରି କୃଷ୍ଣ ଅବତାରରେ ହାତରେ ଶଙ୍ଖ ଚକ୍ର ଧାରଣ କରିଥିଲେ ସେପରି ବଳଭଦ୍ର ବଳରାମ ରୂପରେ ହଳ ଲଙ୍ଗଳ ଧାରଣ କରି ଥିଲେ । ତେଣୁ ତାଙ୍କୁ କୃଷି କର୍ମର ପ୍ରତୀକ ଏବଂ ଚାଷର ଦେବତା ଭାବେ ଗ୍ରହଣ କରାଯାଏ । ତାଙ୍କ ଜନ୍ମ ଦିନରେ କୃଷି ଉପକରଣ ଗୁଡିକ ସହ କୃଷି କାର୍ଯ୍ୟରେ ବ୍ୟବହୃତ ଗାଈ ଗୋରୁ ବିଶେଷ କରି ବଳଦକୁ ପୂଜା କରାଯାଏ । ଘରେ ଘରେ ପିଠା ପଣା ବି ହୁଏ ।

ମୁନା ମୁନି ସହରରେ ରହିଲେ ମଧ୍ୟ ରକ୍ଷା ବନ୍ଧନ ସହ ଜେଜେଙ୍କ ପାଖରୁ ଗାଆଁରେ ପାଳନ କରା ଯାଉଥିବା ଗହ୍ମା ପର୍ବ କଥା ଶୁଣି ବହୁତ ଖୁସି ହେଲେ ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬
ମୋ:୯୯୬୮୨୮୦୮୯୬

# ଲିପୁନ୍ ବୁଝିଲା

## ରମେଶ ଚନ୍ଦ୍ର ଦାଶ



ଲିପୁନ୍‌କୁ ତାର ମାଆ ସଦାବେଳେ ପାଠ ପଢ଼ିବାକୁ କହନ୍ତି । ତାକୁ ଟିକେ ଖେଳିବାକୁ ସମୟ ଦିଅନ୍ତି ନାହିଁ । ସେ କହନ୍ତି, "ମନ ଦେଇ ପାଠ ପଢ଼ିଲେ ବଡ଼ ମଣିଷ ହେବୁ । ସମସ୍ତେ ପ୍ରଶଂସା କରିବେ ।" ସେ ଏହି କଥାକୁ ମନେ ରଖିଥାଏ । ଦିନେ ତରକାରୀ ପୋଡ଼ି ଯିବାକୁ ତାର ଜେଜେମାଆ ତା ମାଆକୁ ଗାଳିକଲେ । ସେ କହିଲେ, "ମନ ଦେଇ ରୋଷେଇ କରୁନଥିବାରୁ ଏମିତି ହେଉଛି ।" ଲିପୁନ୍ ତାକୁ ଶୁଣିଲା । ତାର ମାଆ ରାଗି ଗୁଣୁ ଗୁଣୁ ହେଉଥାଆନ୍ତି । ଲିପୁନ୍ ତେଣୁ ତାଙ୍କୁ କିଛି କହିଲା ନାହିଁ । ସେଦିନ ସେ ମାଆଙ୍କୁ ଅଧିକ ନ ରଗାଇବା ପାଇଁ ଖେଳିବାକୁ ନଯାଇ ପାଠ ପଢ଼ିଲା । ସେଥିରେ ମାଆ ଜେଜେମାଆଙ୍କ ଗାଳିକୁ ଭୁଲି ଖୁସି ହୋଇଗଲେ ।

ରାତି ହେଲା । ଖାଇପିଇ ସମସ୍ତେ ଶୋଇବାକୁ ଗଲେ । ଲିପୁନ୍ ତା ମାଆଙ୍କ ପାଖରେ ଶୋଇବାକୁ ଗଲା । ମାଆ ତାକୁ ଧୀରେ ଧୀରେ ଖୁବ୍ ପ୍ରଶଂସା କରି କହିଲେ । ସେ ତ ଅପେକ୍ଷା କରିଥାଏ ମାଆଙ୍କ ଠାରୁ ଏହି କଥା ଶୁଣିବାକୁ । ତାପରେ ସେ କହିଲା, "ମାଆ, ତୁମେ ବି ମୋ ଭଳି ଦୁଷ୍ଟ ?" ସେ ଆଶ୍ଚର୍ଯ୍ୟ ହୋଇଗଲେ । ପଚାରିଲେ, "କାହିଁକି ?" "ତୁମେ ମନଯୋଗ ସହକାରେ ରୋଷେଇ ନକରିବାରୁ ତାହା ପୋଡ଼ିଗଲା ବୋଲି ଜେଜେମାଆ କହୁଥିଲେ ।" ଉତ୍ତର ଦେଲା ଲିପୁନ୍ । ମାଆଙ୍କର ପାଖରେ କିଛି କହିବାକୁ ନଥିଲା । ସେ ମନେ ମନେ ଭାବିଲେ ପ୍ରକୃତରେ ଅନ୍ୟକୁ କହିବା ପୂର୍ବରୁ ନିଜେ ସଚେତନ ହେବା ଜରୁରୀ । ତାପରେ ସେ ଲିପୁନକୁ ବୁଝାଇଦେଲେ ଜେଜେମାଆଙ୍କ ଠାରୁ ମୁଁ ସାନ । ମୋର ଭୁଲ୍‌କୁ ଠିକ୍ କରିବାକୁ ସେ ଯେପରି କହିଲେ, ମୁଁ ସେହିପରି ତୋର ଭୁଲ୍‌କୁ ସଜାଡ଼ିବାକୁ କହୁଛି ।" ଏଥର ସେ ବୁଝିଗଲା । ତାପରଦିନ ଠାରୁ ସେ ଯେଉଁ କାମ ଯେତେବେଳେ କରିବା କଥା ସେହି କାମ ହିଁ କଲା ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨
ଫୋନ୍-୯୭୭୬୨୩୮୫୨୨

# କବିତା

ତୁମ ପାଇଁ



## ବାଘ

### ଡ. ଦୀପକ କୁମାର ମିଶ୍ର

ପଶୁର ଚିତ୍ରଟେ ବହିରେ ଦେଖାଇ
ଅଜା ମୋ କହିଲେ ଦେଖ
ବଣ ଜଙ୍ଗଲର ରାଜା ଥିଲା ଦିନେ
ଯାହାର ନାମଟି ବାଘ ।

ଗର୍ଜନରେ ତା'ର ଥରୁଥିଲା ଛାତି
ଦେହରେ ଅମାପ ବଳ
ଯେତେ ଜୀବଜନ୍ତୁ ତାହାର ଅଧିନେ
ରହିଆସୁଥିଲେ କାଳ କାଳ।

ଶିକାରୀ ମଣିଷ ପଇସା ଲୋଭରେ
ବାଘର ବିଲୋପ କଲା
ଦାନ୍ତ, ନିଶ ଆଉ ଚମଡ଼ା ଆଦିକୁ
ବଜାରରେ ବିକିଦେଲା ।

ବାଘ ଦିଶିଲାନି ଆଉ ଜଙ୍ଗଲରେ
ଚିତ୍ର ତା'ର ଏବେ ଘର
ଏଇ କଥା କହି ଅଜା ନିଗାଡ଼ିଲେ
ଆଖିରୁ ଲୁହର ଝର ।

ତାଙ୍କ ପିଲାଦିନେ ବାଘମାମୁଁ ଗପ
ଥିଲା ବହୁ ପ୍ରଚଳିତ
ଛାତ୍ର ଶୁଣୁଥିଲେ ଶିକ୍ଷକ ମୁହଁରୁ
ଗପ ଲାଗୁଥିଲା ସତ ।

ଗ୍ରାମର ମୁଣ୍ଡରେ ଶାଳବଣ ଆଡୁ
ହେଣ୍ଟାଳ ଯେ ଶୁଭୁଥିଲା
ବାଘର ଭୟରେ ପ୍ରତିଟି ଘରରେ
କବାଟ ବି ପଡୁଥିଲା ।

ବାଘ ବଂଶ ଏବେ ରହିବ କେମିତି
ବ୍ୟାଧ କରେ ବଣେ ଗତି
ପଶୁ ପକ୍ଷୀ ଯଦି ନରହିବେ ଜାଣ
ପୃଥିବୀର ହେବ ଇତି ।

ସନ୍ତୁଳନ ଧରା ଆବଶ୍ୟକ ନିଶ୍ଚେ
ସରକାର ଦିଅ ଦୃଷ୍ଟି
ମଣିଷଙ୍କ ପରି ବାଘଟିଏ ମଧ୍ୟ
ଅଟେ ଈଶ୍ୱରଙ୍କ ସୃଷ୍ଟି ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଆହାନ ପାଇଁ ନାନାବାୟା

### ନୀଳମଣି ଚାନ୍ଦ

ଆହାନ
କହ ମୂଷିକ କା' ବାହନ
ସିଏରେ ମୁରୁକି ହସିଲା
ଠାକୁର ଘରକୁ ଦଉଡ଼ି ଯାଇ
ଗଣେଶଙ୍କ ପାଖେ ବସିଲା।

ଆହାନ
କହ ମୟୂର କା ବାହନ
ସେ ଆମ ଜାତୀୟ ପକ୍ଷୀରେ
କାର୍ତ୍ତିକେୟଙ୍କର ବାହନ ସିଏ
ମନେ ଦେଇଛି ସେ ରଖିରେ।

ଆହାନ
ସିଂହ, ମାଆ ଦୁର୍ଗା ବାହନ
ଶରତରେ ପୂଜା ପାଆନ୍ତି
ଦୁର୍ଗେ ଦୁର୍ଗତି ନାଶିନୀ ବୋଲିରେ
ଭକତ ସ୍ତୁତିଟି ଗାଆନ୍ତି।

ଆହାନ
କହିଲୁ ପେଚା କା ବାହନ
ରାତିରେ ସିଏରେ ବୋବାଏ
ପୋକଜୋକ ତା'ର ଆହାର ପରା
କହିଲୁ ଗିଳେ ନା ଚୋବାଏ।

ଆହାନ
କିଏ କେଉଁ ଦିଅଁ ବାହନ
ଅଜା କହିଦେବେ ଗପରେ
ଆଇ କହୁଥିଲେ ଜମିବ ଗପ
ପକା ଭୋଗରାଇ ସପରେ।

+ ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,
ମୋ:୯୫୮୩୨୦୨୩୫୭

## କୁନା ଆମର ସୁନା

### ରତ୍ନକାନ୍ତି ମିଶ୍ର

ଭାରି ସରଳ ଆମରି କୁନା
କରେନା କେବେ କଳି
ସଫା ସୁତୁରା ରଖେ ନିଜକୁ
ଲାଗେନି ଦେହେ ଧୂଳି ।।

କାହାରି ମନେ ନ ଦିଏ ବ୍ୟଥା
କହେନି କଟୁ କଥା
ଗୁରୁଜନଙ୍କୁ କରେ ଜୁହାର
ନୁଆଁଇ ତାର ମଥା ।।

ପାଠ ପଢ଼ାରେ ଦିଅଇ ମନ
ଖେଳ ବେଳରେ ଖେଳ
ସାଙ୍ଗ ସାଥିଙ୍କ ସଙ୍ଗତେ କେବେ
କରେନି ପାଟିଗୋଳ ।।

ବଡି ସକାଳୁ ଶେଯରୁ ଉଠି
ପଢି ବସଇ ନିତି
ବଗିଚା କାମ କରେ ଖୁସିରେ
ସ୍କୁଲ ହେଲେ ଛୁଟି ।।

ଜେଜେ ବାପାଙ୍କ ହାତ ବାରିଶି
କରଇ ବୋଲହାକ
ସବୁ କାମକୁ ସମୟେ ସାରେ
ନ ଥାଏ ମନେ ଦକ ।।

କହଇ ସଦା ସତ୍ୟ ବଚନ
ମଧୁର ନମ୍ର ବାଣୀ
ଦୁଃଖି ରଙ୍କିଙ୍କୁ ଦେଖିଲେ ପଥେ
ଦେଖାଏ ଦୟା ପୁଣି ।।

ଘରେ ବାହାରେ ଆମ କୁନାର
ଆଦର ତେଣୁ ବେଶୀ
କୁନା ଆମର ସୁନା ପିଲାଟି
କହନ୍ତି ଲୋକେ ହସି ।।

+ଆଳି, କେନ୍ଦ୍ରାପଡା
ମୋ: ୮୨୪୯୭୯୯୯୬୧

## ଆମରି ହସରେ

### ଅନନ୍ତ କୁମାର ସେନାପତି

ଆମରି ହସରେ
ବାସ ମହକାଇ ପଦୁଅଁ ଫୁଟେ
ପବନେ ପବନେ ମହକ ଛୁଟେ,
କାକଳି କଣ୍ଠରୁ ଶୁଭଇ ଗୀତ
ଗଛ,ଲତା,ପକ୍ଷୀ ହୁଅଇ ମିତ ।
ଆମରି ହସରେ
ଭରିଯାଏ ସୁନା କ୍ଷେତର ଧାରା
ଆକାଶ ବକ୍ଷରେ ହସଇ ତାରା,
ଭାସି ଆସେ କାହୁଁ ମିଠା ସପନ
ଉଲ୍ଲସିତ ହୁଏ ସବୁରି ପ୍ରାଣ ।
ଆମରି ପାଇଁ
ଲୁଚି ରହିଥାଏ ଆପଣା ଭାବ
ମାଟି ମାଆ ପାଇଁ ଯଶ ଗୌରବ,
ଶୃଙ୍ଖଳା ତରୁଟି ଯାଏ କଅଁଳି
ପତର ମେଲାଏ ଭଳିକି ଭଳି ।
ଆମରି ହସରେ
ହସୁଥିବ ଏହି ସୁନାର ଦେଶ
ପୋଛି ଯିବ ଯେତେ ଯାତନା କ୍ଲେଶ,
ବିତରିବା ପାଇଁ ଶାନ୍ତି ବାରତା
ସତ୍ୟର ପଥରେ ପାତିବୁ ମଥା ।
ଆମେ ପରା ଏବେ ଟିକି କଳିକା
ଧରମା, ଆରୁଣି, ବାଜି ପରିକା
ଟିକି ହସରେ
ଖୁସି ଭରି ଦେବୁ ରଖି ଯଶ ରେ ।

+ ବାଣ୍ଟୁପଡା, ରେଲୱେ ସାଇଡିଙ୍ଗ ଏରିଆ
ରାଜଗାଙ୍ଗପୁର , ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

## ଜେଜେ କହିଲେ ଗପ...

### ରାମଚନ୍ଦ୍ର ବେହେରା

ଜେଜେ କହିଲେ
ଭାରି ଶ୍ରଦ୍ଧାରେ
ଶୁଣିବ ପିଲେ ଗପ
ମନ ଆନନ୍ଦେ
ଆସିଲୁ ଧାଇଁ
ପାରି ବସିଲୁ ସପ।
ଜେଜେ କହିଲେ
ଖାଇବା କାଳେ
କରିବ ନାହିଁ ଅଳି
ସାଂଗ ସାଥୀଂକ
ମେଳରେ କେବେ
କରିବ ନାହିଁ କଳି।
ଗୁରୁଜନଂକ
କଥାକୁ ମାନି
କରିବ ନିତ୍ୟ କାମ
ପଢିବା ବେଳେ
ଧ୍ୟାନ ରଖିଲେ
ନିଶ୍ଚେ ବିଜୟ ଜାଣ।
ଖେଳିବା ବେଳେ
ଖେଳିବ ତୁମେ
ପାଖ ପଡିଆ ଯାଇଁ
ସଂଜ ନଇଁଲେ
ପ୍ରାର୍ଥନା ପାଇଁ
ଆସିବ ତୁମେ ଧାଇଁ।
ପ୍ରାର୍ଥନା ସାରି
ବିଦ୍ୟା ଅଭ୍ୟାସ
କରିବ ପୁନର୍ବାର
ମାଆ ଡାକିଲେ
ଭୋଜନ ସାରି
ଶୋଇଯିବ ସଅଳ।
ବଡି ଭୋର୍ ରୁ
ଯେ ଛାଡେ ଶେଯ
ରୁହେ ସୁସ୍ଥ ସବଳ
ପ୍ରତିଦିନ ଯେ
ସ୍କୁଲ ଯାଏ
ବଢେ ତା' ଜ୍ଞାନ ବଳ।
ଗୁରୁଂକ କଥା
ମାନଇ ଯିଏ
ପାଏ ସବୁରି ଶ୍ରଦ୍ଧା
ପ୍ରଭୁଂକ କୃପା
ମିଳଇ ତାକୁ
ନଛୁଏଁ କିଛି ବାଧା।
ଆଜି ଏତିକି
କାଲିକି ପୁଣି
କହିବି ନୂଆ କଥା
ଜେଜେଂକ କଥା
ଶୁଣି ପିଲାଏ
ନୁଆଁଇ ଦେଲେ ମଥା।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସେବା ତା ଧରମ

### କୀର୍ତ୍ତନ ସାହୁ

ବାପା କହୁଥିଲେ ରାସ୍ତାରେ ପିଲାଟି
ପଡ଼ି ଯାଇଥିଲା ମୁହଁକୁ ମାଡି
କହୁଣୀରୁ ତାର ରକ୍ତ ଝରୁଥିଲା
ପାପୁଲି ବି ତାର ଯାଇଛି ଛିଡି ।

ଡାକ୍ତରଖାନାରେ ସେଇ ପିଲାଟିର
ଚିକିତ୍ସା କରିଲେ ଯତନ ନେଇ
ଘରେ ତାଙ୍କ ନେଇ ଛାଡ଼ିଲେ ସ୍କୁଟିରେ
ବାପାଙ୍କୁ ତାହାର ବୁଝାଇ ଦେଇ ।

ଜେଜେ କହୁଥିଲେ ଚାଲି ଚାଲି ଦିନେ
ବାହାରିଲେ ସିଏ ସଉଦା କରି
ବାଟରେ ଦେଖିଲେ କୋତରା ପିଲାଟେ
ମାଗୁଛି ଖାଇବ ଖଲିଟେ ଧରି ।

ପାଖରେ ଗୋଟିଏ ଦୋକାନକୁ ଜେଜେ
ଖାଇବାକୁ ଦେବେ ଡାକିକି ନେଲେ
ଖାଇ ସାରିବାରୁ ନୂଆ ଡ୍ରେସ ହଳେ
କିଣି ଆଣି ତାକୁ ପିନ୍ଧାଇ ଦେଲେ ।

ମାଆ ବୁଝାଇଲେ ଏମିତି ଘଟଣା
ଆସି ପାରେ ତୋର ଜୀବନେ କେତେ
ଖୁସିରେ ରହିବୁ ଉଚିତ ମଣି ତୁ
ସେବା ତାଙ୍କ କରି ପାରୁ ତୁ ଯେତେ ।

ମାଆଙ୍କ ପାଦକୁ ଛୁଇଁ କୁନା କହେ
ଆସୁ ଯେତେ ବାଧା କରିବ ସେବା
ଜୀବନେ ତାହାର ଧରମ ହୋଇବ
ଦୁଃଖୀ ରଙ୍କି ପାଇଁ ଜୀବନ ଦେବା ।

+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ଗଡି ଗଡି ଯାଏ ରେଳ ଗାଡ଼ି

### ସୁନୀଲ କୁମାର ପ୍ରଧାନ

ଗଡି ଗଡି ଯାଏ ରେଳ ଗାଡ଼ି
ଗଛରୁ ଫଳ ଯାଉଛି ଝଡ଼ି ।

ଗଡି ଗଡି ଯାଏ ରେଳ ଗାଡ଼ି
ଉଠ ସକାଳୁ ଶେଜକୁ ଛାଡ଼ି ।

ଗଡି ଗଡି ଯାଏ ରେଳ ଗାଡ଼ି
ଉଠରେ ଉଠ ନକରି ଡେରି ।

ଗଡି ଗଡି ଯାଏ ରେଳ ଗାଡ଼ି
ମୁହଁ ଧୋଇ ଧର ପଟା ଖଡ଼ି ।

ଗଡି ଗଡି ଯାଏ ରେଳ ଗାଡ଼ି
ଚତୁର ହେବା ପାଠକୁ ପଢ଼ି ।

ଗଡି ଗଡି ଯାଏ ରେଳ ଗାଡ଼ି
କର୍ମଠ ହେବା ଯିବାରେ ମାଡ଼ି ।

ଗଡି ଗଡି ଯାଏ ରେଳ ଗାଡ଼ି
ଛାତ୍ର ଜୀବନ ଯିବରେ ବଢ଼ି ।



ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬



# ୭୮ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ




ଭଦ୍ରକ , ୧୬/୮ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ ୭୮ତମ ସ୍ୱାଧୀନତା ଦିବସ-୨୦୨୪କୁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରରେ ସଦର ମହକୁମାସ୍ଥ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ମହାସମାରୋହରେ ପାଳନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦୀଲ୍ଲିପ୍ ରାଉତରାଏ ପତାକା ମଞ୍ଚରେ ପହଞ୍ଚି ପୂର୍ବାହ୍ନ ଠିକ୍ ୯ଘ-୧୫ମିନିଟ୍ ସମୟରେ ପତାକା ଉତ୍ତୋଳନ କରି ପତାକାକୁ ସାଲ୍ୟୁଟ୍ କରିଥିଲେ । ସୁସଜ୍ଜିତ ଖୋଲା ଗାଡ଼ିରେ ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିଥିବା ୩୭ଗୋଟି ଦଳକୁ ପରିଦର୍ଶନ କରିଥିଲେ । ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବାକୁ ଯାଇ ଅତ୍ୟାଚାରୀ ଇଂରେଜ୍ କବଳରୁ ସ୍ୱାଧୀନ ଭାରତ ହାସଲ ପାଇଁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସଂଘର୍ଷମୟ କାହାଣୀର ଅବତାରଣା ଆଧାରରେ ଆମକୁ ସ୍ୱାଧୀନତାର ସ୍ୱାଦ ଚଖାଇଥିବା ଆମର ପୂର୍ବସୂରୀ ମହୀମନିଷୀମାନଙ୍କ ଅନନ୍ୟ ଅବଦାନର ସ୍ମୃତି ଚାରଣ କରିଥିଲେ । ସଂଗ୍ରାମ ଓ ବଳିଦାନର ମାଟି ଭଦ୍ରକରେ ଘଟି ଯାଇଥିବା ଦ୍ୱିତୀୟ ଜାଲିଆନାବାଗ୍ ଭାବେ ଅଭିହିତ ଶହୀଦତୀର୍ଥ ଇରମ୍ ଓ ଲୁଣିଆ ଗୁଳିକାଣ୍ଡରେ ଅମର ଶହୀଦ୍‌ମାନଙ୍କ ତ୍ୟାଗ ତିତିକ୍ଷା ଉପରେ ଆଲୋକପାତ କରିଥିଲେ । କଳା, ସାହିତ୍ୟ, ସଂସ୍କୃତି ସମୃଦ୍ଧ ଏ ମାଟିର ତଥା ଆମ ରାଜ୍ୟର ଅସ୍ମିତା ଆଧାରରେ କାର୍ଯ୍ୟକରି ଆମ ଜିଲ୍ଲା ତଥା ରାଜ୍ୟକୁ ସର୍ବୋତ୍ତମ ଭାବେ ଗଢ଼ି ତୋଳିବା ପାଇଁ ଏକ ନୂତନ ଦିଶା ଦେବାରେ ଜନସାଧାରଣଙ୍କ ସହଯୋଗିତା ସହଭାଗିତାର କାମନା କରିଥିଲେ । ଭଦ୍ରକ ଏସ୍.ପି. ବରୁଣଗୁଣ୍ଟୁପାଲ୍ଲି ମୁଖ୍ୟ ଅତିଥିଙ୍କ ସହ ପତାକା ମଞ୍ଚରେ ଉପସ୍ଥିତ ଥିଲେ । ପୋଲିସ୍ ଆର.ଆଇ. ରାକେଶ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସର୍ଜେଣ୍ଟ ଅଭିରାମ ଖଟୁଆଙ୍କ ସହଯୋଗରେ ସଶସ୍ତ୍ର ପୋଲିସ୍ ବାହିନୀ ସହ ଏନ୍.ସି.ସି. ଆର୍ମି, ନେଭି, ସ୍କାଉଟ୍, ଗାଇଡ୍, ରେଡ୍‌କ୍ରସ୍, ସିଭିଲିୟାନ୍ ଆଦିରେ ସିନିୟର ଓ ଜୁନିୟର ବିଭାଗରେ ଭାଗ ନେଇଥିବା ସମସ୍ତ ପ୍ୟାରେଡ୍ ଟ୍ରୁପ୍‌ଙ୍କ ମାର୍ଚ୍ଚ ପାଷ୍ଟରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରିଥିଲେ । ଉପଜିଲ୍ଲାପାଳ ମନୋଜ ପାତ୍ର, ସି.ଟି.ଡ଼ି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ, ଅବସରପ୍ରାପ୍ତ ଅତିରିକ୍ତ ଏସ୍.ପି. ଭିଜିଲାନସ୍ ଗଣେଶ୍ୱର ସେଠୀ ପ୍ୟାରେଡ୍ ପ୍ରତିଯୋଗିତା ପାଇଁ ମୂଲ୍ୟାଙ୍କନ କରିଥିଲେ । ପଦକ ବିଜେତା, ଆନ୍ତର୍ଜାତୀକ ପାରା କ୍ରୀଡ଼ାବିତ୍ ରାଖାଲ କୁମାର ସେଠୀ, ଜାତୀୟସ୍ତରର ପଦକ ବିଜେତା ହ୍ୱିଲ୍‌ଚେୟାରରେ ଅସୀଚାଳନା କ୍ରୀଡ଼ାବିତ୍ ମଧୁସ୍ମିତା ସାହୁ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଉତ୍ସର୍ଗୀକୃତ ସେବା ପାଇଁ ପୋଲିସ କମ୍ପାନୀ କମାଣ୍ଡର ବରୁଣ ମିତ୍ରଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସାଲ୍, ଟ୍ରଫି, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ୟାରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ କୃତୀ ଦଳମାନଙ୍କୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗ ଦେଇଥିଲେ । ଭରପୁର ଦର୍ଶକ ମଧ୍ୟରେ ଏହି ସମସ୍ତ କାର୍ଯ୍ୟକ୍ରମ ଖୁବ୍ ଚିତ୍ତାକର୍ଷକ ଥିଲା । ବିଶେଷ କରି ସରକାରୀ ମାର୍ଗଦର୍ଶିକା ଅନୁଯାୟୀ ଆମ ଦେଶ, ରାଜ୍ୟ ଓ ଜିଲ୍ଲାର ୩୦ରୁ ଉର୍ଦ୍ଧ୍ୱ ମହାପୁରୁଷମାନଙ୍କ ଫଟୋ ଓ ତାଙ୍କ ବାଣୀରେ ସାଜସଜ୍ଜା ସାଙ୍ଗକୁ ତ୍ରିରଙ୍ଗା ସେଲଫି ଓ ତ୍ରିରଙ୍ଗା କାନ୍‌ଭାସ୍ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ପରେ ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନ କରି ଭଦ୍ରକ ବସ୍ ସିଣ୍ଡିକେଟ୍ ଓ ଜିଲ୍ଲାସ୍କୁଲ ଦ୍ୱାରା ପ୍ରଦତ୍ତ ଫଳ ରୋଗୀମାନଙ୍କୁ ବଣ୍ଟନ କରିଥିଲେ । ଦିନ ସମୟର ଅନ୍ତିମ କାର୍ଯ୍ୟକ୍ରମ ସଂସ୍କୃତି ଭବନରେ ଭଦ୍ରକ ଆର୍ଟ କଲେଜର ଅଧକ୍ଷ ମନୋଜ ଭଞ୍ଜଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ କରି ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧନା ଓ ସ୍ୱର୍ଗତ ଶ୍ୟାମସୁନ୍ଦର ମହାପାତ୍ର ସ୍ମୃତି ପୁରସ୍କାର ବିଶିଷ୍ଟ କଳାପ୍ରତିଭା ମାନଙ୍କୁ ପ୍ରଦାନ କରିଥିଲେ । ସନ୍ଧ୍ୟାରେ ଟାଉନ୍‌ହଲ୍ ଠାରେ ତ୍ରିରଙ୍ଗା କନ୍‌ସର୍ଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ୍, ଅତିରିକ୍ତ ଜିଲ୍ଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ବରେଣ୍ୟ ଅତିଥିଭାବେ ଯୋଗଦାନ କରି ଦିବସ ପାଳନର ମହତ୍ତ୍ୱ, ଦେଶାତ୍ମବୋଧ ଓ ଭଦ୍ରକ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ଲୋମହର୍ଷକ ଅଧ୍ୟାୟ ଉପରେ ଆଲୋକ ପାତ କରିଥିଲେ । ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ରୋଟାରୀ କ୍ଲବ, ସାଳନ୍ଦୀ ନର୍ସିଂ ସ୍କୁଲ ସାଳନ୍ଦୀ ହସ୍‌ପିଟାଲ୍ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପୁରସ୍କାର ବିତରଣ କରାଯାଇଥିଲା । ଏସ୍.ବି.ଡ଼ି. ସ୍କୁଲ, ଡ଼ି.ଏ.ଭି.ଏସ୍.ଡ଼ି.ପି.ଏସ୍ ସ୍କୁଲ, ଭଦ୍ରକ ଉଚ୍ଚ ବିଦ୍ୟାଳୟ ଓ ମନ୍ଦିରା ଏକାଡ଼େମୀ ଦ୍ୱାରା ରଙ୍ଗାରଙ୍ଗ ଦେଶାତ୍ମବୋଧ ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକ୍ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଉଦ୍‌ଘାଟନୀ ସଂଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା । ଦିନ ଓ ସନ୍ଧ୍ୟାର ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସଂଯୋଜନା ଓ ପରିଚାଳନା କରିଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଭଦ୍ରକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମନୋଜ ସାହୁ, ରୋଟାରିଆନ୍, ସମ୍ବାଦିକ ଅତିସ୍ କୁମାର ବେହେରା ପ୍ରମୁଖ ଆନୁସଂଗିକ ସହଯୋଗ କରିଥିଲେ ।

## ଗଣମାଧ୍ୟମରେ ବୟାନ ଦେଇପାରିବେ କଂଗ୍ରେସର ୪ ନେତା

ଭୁବନେଶ୍ୱର, ୧୬/୮ (ନି.ପ୍ର): କଂଗ୍ରେସ ପକ୍ଷରୁ ଗଣମାଧମକୁ ଆନୁଷ୍ଠାନିକ ବୟାନ ଦଳର ୪ଜଣ ନେତା ହିଁ ଦେଇପାରିବେ ବୋଲି ଅଜୟ କୁମାରଙ୍କ ଦସ୍ତଖତରେ ପ୍ରେସ୍ ରିଲିଜ୍ ଜାରି ହୋଇଛି । ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବରିଷ୍ଠ ନେତା ସନ୍ତୋଷ ସିଂ ସାଲୁଜା, ଶ୍ରୀକାନ୍ତ ଜେନା ଓ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ମିଡିଆରେ ଆନୁଷ୍ଠାନିକ ବୟାନ ଦେବା ପାଇଁ ଏଆଇସିସି(ଅଖିଳ ଭାରତୀୟ କଂଗ୍ରେସ କମିଟି) ଦ୍ୱାରା ନିଯୁକ୍ତି ଦିଆଯାଇଥିବା ନେଇ ଉଲ୍ଲେଖ ରହିଛି । ଅର୍ଥାତ୍ ଦଳର ଅନ୍ୟ ବରିଷ୍ଠ ନେତାମାନେ ଗଣମାଧମକୁ ଯେଉଁ ବୟାନ ଦେବେ ତାହା କଂଗ୍ରେସର ମତ ଭାବେ ବିବେଚନା କରାଯିବ ନାହିଁ ବୋଲି ପରୋକ୍ଷରେ ଚେତାଇ ଦେବାକୁ ପ୍ରୟାସ କରିଛନ୍ତି ଅଜୟ କୁମାର ।

# ବଡ଼ସାହି ବ୍ଲକ୍‌ସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳିତ



ବଡ଼ସାହି,୧୬/୦୮ ବଡ଼ସାହି ଜାତୀୟ ଦିବସ ପାଳନ କମିଟି, ଆନୁକୂଲ୍ୟରେ ଆୟୋଜିତ ହୋଇ ଥିଲା ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରାଙ୍ଗଣରେ ବଡ଼ସାହି ବ୍ଲକ୍ ସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଅଛି । ଏହି ଜାତୀୟ କାର୍ଯ୍ୟକ୍ରମରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନାତନ ବିଜୁଳି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସର୍ବ ସାଧାରଣଙ୍କ ଉଦ୍ଦେଶ୍ୟରେ ଉଦବୋଧନ ପ୍ରଦାନ କରିଅଛନ୍ତି । ଅନ୍ୟମାନଙ୍କ ମଧ୍ୟରୁ ଅନ୍ୟତମ ଅତିଥି ରୂପେ ବଡ଼ସାହି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ବିଡ଼ିଓ ବନଜା ଦାସ, ତହସିଲଦାର ପତିତପାବନ ଦେବତା, ଅତିରିକ୍ତ ତହସିଲଦାର ବିନିତା ରାଣୀ କିସ୍କୁ, ବିଇଓ ମଧୁସ୍ମିତା ଗିରି, ଏବିଇଓ ତଥା ବି ଆର୍ ସି ସି ପଦ୍ମଲୋଚନ ଦାସ, ବଡ଼ସାହି ଥାନାର ଆଇ ଆଇ ସି, ଓଏଭି ପ୍ରିନ୍ସିପାଲ୍ ମୌବାନୀ ମଲ୍ଲିକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡ଼ସାହିର ପ୍ରଧାନଶିକ୍ଷକା ସୁରେଖା ଦଣ୍ଡପାଟ, ଜାତୀୟ ଦିବସ ପାଳନ କମିଟିର ବରିଷ୍ଠ ସଦସ୍ୟ ରାଜେନ୍ଦ୍ର କୁମାର ଜେନା, ବିରଞ୍ଚି ନାରାୟଣ ପତି, ସଦସ୍ୟା ସୁବାସିନୀ ପତି ଆଦି ମଞ୍ଚରେ ମଞ୍ଚାସୀନ ଥିଲେ । ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ୟାରେଡରେ ଅଂଶଗ୍ରହଣ କରିଥିଲେ । ପ୍ୟାରେଡରେ ପୂର୍ଣ୍ଣଚନ୍ଦ୍ର ବାଳିକା ଉଚ୍ଚ ବିଦ୍ୟାଳୟ, ଜୁନିଅର୍ ରେଡ୍ କ୍ରସ୍, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡ଼ସାହି ଓ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବଡ଼ସାହି ଯଥାକ୍ରମେ ସିନିଅର୍ , ଜୁନିଅର୍ ଓ ସବ୍ ଜୁନିଅର୍ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଥିଲା । ସହଶୈକ୍ଷିକ ବିଷୟ ମାନଙ୍କରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟ ସ୍ତରୀୟ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ/ପ୍ରତିଯୋଗିନୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସେହିପରି ଗତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା -୨୦୨୪ରେ ବଡ଼ସାହି ବ୍ଲକ୍ ସ୍ତରରେ ୧ମ,୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କ୍ରମାନୁଯାୟୀ ହୃଷିକେଶ ସାହୁ, ହରେନ୍ଦ୍ର ସିଂ ଓ ବିଶ୍ୱଜିତ ପରିଡ଼ା ତଥା ଓଏଭି ୧୦ମ ବାର୍ଷିକ ପରୀକ୍ଷା -୨୦୨୪ ର ଟପର୍ ସ୍ୱରାଜ କୁଇଲାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଏଭି ବଡ଼ସାହି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ଓ ସମ୍ମାନିତ ହୋଇଥିଲେ । ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବଡ଼ସାହିର ଏନ୍ ସି ସି ଟିମ୍ ଦ୍ୱୟକୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା ।ମଞ୍ଚ କାର୍ଯ୍ୟକ୍ରମକୁ ତୋଫାନ୍ ସାର୍ ଓ ଲଳିତ ସାର୍ ଯୁଗ୍ମ ଭାବେ ସଞ୍ଚାଳନ କରିଥିଲେ । ପୁରସ୍କାର ମାନପତ୍ର ଓ ପ୍ରମାଣ ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସନ୍ତୋଷ ବିଶ୍ୱାଳ, ଦେବରାଜ ନାୟକ ସହାୟତା ପ୍ରଦାନ କରିଥିଲେ । କୋଷାଧକ୍ଷ କୃପାସିନ୍ଧୁ ବେରାଙ୍କ ତତ୍ତ୍ୱାବଧାନରେ ମିଷ୍ଟାନ୍ନ ପ୍ରସ୍ତୁତି ଓ ବିତରଣ କାର୍ଯ୍ୟ ସମ୍ପାଦିତ ହୋଇଥିଲା । କାର୍ଯ୍ୟକ୍ରମର ସଫଳ ସମାପନ ପରେ ସର୍ବ ଶେଷରେ ସଦସ୍ୟ ରତିକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଜପେୟୀଙ୍କ ବିକାଶ ରାଜନୀତି ତାଙ୍କୁ ଚିରକାଳ ଅମର ରଖିବ: ବସ୍ତାରେ ନିର୍ମାଣ ହେବ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି

ବସ୍ତା, ୧୬/୮ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ବସ୍ତାରେ ଏକ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ନିର୍ମାଣ ହେବା ପାଇଁ ଆଜି ଆୟୋଜିତ ଶ୍ରାଦ୍ଧ ସଭାରେ ଜନମତ ପ୍ରକାଶ ପାଇଛି । ବସ୍ତା ଅଟଳ ବିହାରୀ ବାଜପେୟୀ ସ୍ମୃତି କମିଟି ତରଫରୁ ଆଜି ମଥାନୀ ନୂଆ ବସଷ୍ଟାଣ୍ଡ ନିକଟସ୍ଥ 'ଶରତ ଦାଶ ପ୍ରାଙ୍ଗଣ'ରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ନିକଟସ୍ଥ ଜଳକା ନଦୀରେ ତିଳ ତର୍ପଣ ପରେ ସଭାମଞ୍ଚ ରେ ତାଙ୍କ ଫଟୋଚିତ୍ର ରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ସଭା ପ୍ରାରମ୍ଭରେ ଜୟନ୍ତୀ କମିଟିର ସମ୍ପାଦକ ଧିରେନ ସେଠୀ କାର୍ଯ୍ୟକ୍ରମ ର ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା କମିଟିର ସଭାପତି ବରିଷ୍ଠ ବିଜେପି ନେତା ଶ୍ୟାମା ପ୍ରସାଦ ବେହେରା ବର୍ଷ ତମାମ କିଭଳି ବାଜପେୟୀଙ୍କ ଆଦର୍ଶବାଦର ପ୍ରଚାର ପ୍ରସାର କରାଯିବ ତା'ର ଖସଡ଼ା ପ୍ରସ୍ତୁତି କରିଥିଲେ । ଅତିଥିଭାବେ କୃଷକ ମୋର୍ଚ୍ଚା ର ରାଜ୍ୟ ସଂଯୋଜକ ଅଜୟ କୁମାର ସାହୁ, ସରପଞ୍ଚ ରାଧାକୃଷ୍ଣ ବେହେରା, ବରିଷ୍ଠ ନେତା ବିକାଶ ଗିରି, ପୂର୍ବତନ ସମିତି ସଭ୍ୟ ରାଧାଶ୍ୟାମ ମହାପାତ୍ର ଓ ବାସୁଦେବ ପଣ୍ଡା ପ୍ରମୁଖ ବାଜପେୟୀଙ୍କ ସୁଶାସନ, ରାଜପଥ ନିର୍ମାଣ, କାରଗିଲ ଯୁଦ୍ଧ, ଶିକ୍ଷା ଓ ବୈଦେଶିକ ନୀତି ସମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ବିଶ୍ୱନାଥ ସିଂ, ପ୍ରକାଶ କୁଣ୍ଡୁ, ସାମ୍ବାଦିକ ରାମଚନ୍ଦ୍ର ଦେବ, ଶିବାନନ୍ଦ ଦାଶ, ସୁଶାନ୍ତ ପ୍ରଧାନ, ରାସ ବିହାରୀ ଦାସ ଅଧିକାରୀ, ଫର୍ଣ୍ଣାଲ ବିଶ୍ୱାଳ, ମନୋଜ ବେହେରା, ଦିଲ୍ଲୀପ ପଣ୍ଡା, ଅଦ୍ୱୈତ ଜେନା,ମନୋଜ ସାମଲ, ସରୋଜ ପ୍ରଧାନ, ନରେନ୍ଦ୍ର ସେଠୀ,ରବି ରାଉଳ ପ୍ରମୁଖ ବାଜପେୟୀଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ । ବାହାର୍ଦ୍ଧା ପଞ୍ଚାୟତ ସଭାପତି ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସଭାପରେ ପ୍ରସାଦ ସେବନ ହୋଇଥିଲା

# ଛାତ୍ର କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ଭୁବନେଶ୍ୱର, ୧୬/୮ (ନି.ପ୍ର): କଲିକତାର ଆରଜି କର ମେଡିକାଲ କଲେଜ ଆଣ୍ଡ ହସପିଟାଲର ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ପ୍ରସଙ୍ଗରେ ଶୁକ୍ରବାର ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ଏକ ମହମବତୀ ଶୋଭାଯାତ୍ରା ସତ୍ୟନଗର କାଳି ମନ୍ଦିର ଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା । ରାମ ମନ୍ଦିର ଠାରେ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା । ଏହି ପ୍ରସଙ୍ଗରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ କହିଛନ୍ତି ଯେ ପଶ୍ଚମବଙ୍ଗ ପ୍ରଶାସନ ମୃତ ମହିଳା ଡାକ୍ତରଙ୍କ ପରିବାରକୁ ନ୍ୟାୟ ଦିଅନ୍ତୁ । ପଶ୍ଚିମବଙ୍ଗରେ ମହିଳା ଅସୁରକ୍ଷିତ ରହିଥିବାର ଏହା ଜ୍ୱଳନ୍ତ ଉଦାହରଣ । ଛାତ୍ର କଂଗ୍ରେସ ପକ୍ଷରୁ ମୃତକଙ୍କ ପରିବାରକୁ ନ୍ୟାୟ ଏବଂ ଅପରାଧିକୁ ତୁରନ୍ତ ଦଣ୍ଡବିଧାନ ଦାବି କରାଯାଇଛି ।



ଆଇଏଫଏଫସିଓର ପରିଚାଳନା ନିର୍ଦ୍ଦେଶକ ଡ଼ା ଉଦୟ ଶଙ୍କର ଅବସ୍ତି ଓଡିଶା ଗସ୍ତ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଶିଳ୍ପମନ୍ତ୍ରୀଙ୍କୁ ଆଲୋଚନା କରିବା ଅବସରରେ ତାଙ୍କ ସହ ଉପସ୍ଥିତ ଥିଲେ ପାରାଦ୍ୱୀପ ଇଫ୍‌କୋ ୟୁନିଟର ମୁଖ୍ୟ କେ.ଜେ.ପଟେଲ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଜମ୍ମୁ-କଶ୍ମୀର ଓ ହରିୟାଣା...

ଶେଷ ତାରିଖ । ଅଗଷ୍ଟ ୨୮ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ । ଅଗଷ୍ଟ ୩୦ ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ । ସେହିପରି ସେପ୍ଟେମ୍ବର ୨୫ ତାରିଖରେ ଜମ୍ମୁ ଓ କଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ । ଏହି ପର୍ଯ୍ୟାୟରେ ୨୬ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ । ଏହି ପର୍ଯ୍ୟାୟ ଭୋଟ୍ ପାଇଁ ଅଗଷ୍ଟ ୨୯ ତାରିଖରେ ଗେଜେଟ ନୋଟିଫିକେସ ଜାରି ହେବ । ସେପ୍ଟେମ୍ବର ୫ ହେଉଛି ପ୍ରାର୍ଥିପତ୍ର ଦାଖଲ କରିବାର ଶେଷ ତାରିଖ । ସେପ୍ଟେମ୍ବର ୬ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବ । ଯେଉଁମାନେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପାଇଁ ଚାହିଁବ, ସେମାନଙ୍କ ପାଇଁ ସେପ୍ଟେମ୍ବର ୯ ହେଉଛି ଶେଷ ତାରିଖ । ତୃତୀୟ ପର୍ଯ୍ୟାୟରେ ଜମ୍ମୁ ଓ କଶ୍ମୀରର ୪୦ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ ହେବ । ସେଥିପାଇଁ ସେପ୍ଟେମ୍ବର ୫ ତାରିଖରେ ଗେଜେଟ ନୋଟିଫିକେସନ ଜାରି ହେବ । ସେପ୍ଟେମ୍ବର ୧୨ ପ୍ରାର୍ଥୀପତ୍ର ଦାଖଲ କରିବାର ଶେଷ ତାରିଖ ହେବ । ସେପ୍ଟେମ୍ବର ୧୩ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ । ସେପ୍ଟେମ୍ବର ୧୭ ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ । ଏହା ପରେ ଅକ୍ଟୋବର ୧ ତାରିଖରେ ଭୋଟ୍ ଗ୍ରହଣ ହେବ । ହରିୟାଣା ବିଧାନସଭାରେ ୯୦ଟି ଆସନ ଅଛି । ଏଠାରେ ଏଥର ୨.୦୧ କୋଟି ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରୁ ୧.୦୬ କୋଟି ପୁରୁଷ ଭୋଟର ଥିବା ବେଳେ ୦.୯୫ କୋଟି ମହିଳା ଭୋଟର ଅଛନ୍ତି । ୨୦ରୁ ୨୯ ବର୍ଷ ଭିତରେ ସେଠାରେ ୪୦.୯୫ ଲକ୍ଷ ଭୋଟର ଅଛନ୍ତି । ସେହିପରି ଏଥର ପ୍ରଥମ ଥର ପାଇଁ ମତ ସାବ୍ୟସ୍ତ କରିବେ ୪.୫୨ ଲକ୍ଷ ଭୋଟର । ସେମାନଙ୍କ ବୟସ ୧୮ରୁ ୧୯ ବର୍ଷ ହେବ । ରାଜ୍ୟରେ ଭୋଟ୍ ଗ୍ରହଣ ପାଇଁ ୨୦ ହଜାର ୬୨୯ଟି ପୋଲିଂ ଷ୍ଟେସନ କରାଯିବ । ହରିୟାଣା ବିଧାନସଭା ନିର୍ବାଚନ ପାଇଁ ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଗେଜେଟ୍ ନୋଟିଫିକେସନ ଜାରି କରାଯିବ । ସେପ୍ଟେମ୍ବର ୧୨ ହେଉଛି ପ୍ରାର୍ଥିପତ୍ର ଦାଖଲ କରିବାର ଶେଷ ତାରିଖ । ସେପ୍ଟେମ୍ବର ୧୩ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବ । ସେପ୍ଟେମ୍ବର ୧୬ ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ । ଏହା ପରେ ଅକ୍ଟୋବର ୧ ତାରିଖରେ ଭୋଟ୍ ଗ୍ରହଣ ହେବ ଓ ୪ ତାରିଖରେ ଗଣତି ହେବ ।

### କୋଟିପତି ଯୋଗାଣ ଅଧିକାରୀ...

ପ୍ରଦୀପ ମହାପାତ୍ର ୨ କୋଟି ୮୬ ଲକ୍ଷ ୯ ହଜାର ୫୬୯ ଟଙ୍କା ଜମା ରଖିଛନ୍ତି । ସେଥିରୁ ୧ କୋଟି ୩୪ ଲକ୍ଷ ୫୦୫ ଟଙ୍କା ଡାକଘରେ ସଞ୍ଚୟ କରିଥିବା ବେଳେ ବ୍ୟାଙ୍କରେ ଜମା ରଖିଛନ୍ତି ୬୯ ଲକ୍ଷ ୯ ହଜାର ୬୯ ଟଙ୍କା । ମ୍ୟୁଚୁଆଲ ଫଣ୍ଡରେ ସେ ୮୩ ଲକ୍ଷ ଟଙ୍କା ନିବେଶ କରିଛନ୍ତି । ସେ ବୀମା ବାବଦକୁ କେତେ ଟଙ୍କା ଜମା ରଖିଛନ୍ତି, ତା'ର ଖୋଳତାଡ଼ ଜାରି ରହିଛି । ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଦୀପ ମହାପାତ୍ରଙ୍କ ଘରୁ ୮୫୦ ଗ୍ରାମ ସୁନା ମିଳିଛି । ସେଥିରେ ୪ଟି ସୁନା ଇଟା ରହିଛି । ଏକ ହୀରା ହାର ମଧ ତାଙ୍କ ଘରୁ ଜବତ ହୋଇଛି । ଏହା ସହିତ ତାଙ୍କ ଘରୁ ନଗଦ ୧ ଲକ୍ଷ ୨୧ ହଜାର ୫୦୦ ଟଙ୍କା ଜବତ ହୋଇଛି । ତାଙ୍କର ଗୋଟିଏ ଚାରି ଚକିଆ ଗାଡି (ମାରୁତି ସ୍ୱିଫ୍ଟ) ଓ ୨ଟି ଦୁଇ ଚକିଆ ଗାଡ଼ି ଅଛି । ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ଅଧିକ ଖୋଳତାଡ଼ ଜାରି ରହିଛି ।

### ସୃଷ୍ଟି ହେଲା ଲଘୁଚାପ ...

ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ । ଆଗାମୀ ୨୪ଘଣ୍ଟାରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଲଘୁଚାପ କ୍ଷେତ୍ର ପ୍ରଭାବରେ ଆଗାମୀ୨୪ଘଣ୍ଟାରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । କିଛି କିଛି ସ୍ଥାନରେ ୭ରୁ ୨୦ ସେଣ୍ଟିମିଟର ଓ ଗୋଟିଏ ଦୁଇଟି ସ୍ଥାନରେ ୨୦ ସେଣ୍ଟିମିଟରୁ ଅଧିକ ବର୍ଷା ହୋଇପାରେ । ଆଜି ପାଇଁ ୧୨ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ସେହି ଜିଲ୍ଲା ଗୁଡ଼ିକ ହେଲା ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ । ଏହି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାର ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଶନିବାର ମଧ ସମଗ୍ର ରାଜ୍ୟରେ ବର୍ଷା ହେବ । ତେବେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାର ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ରବିବାର ବରଗଡ଼, ବଲାଙ୍ଗିର, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାର ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର ଓ ଦେବଗଡ଼ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାର ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### ନାଚ୍ ପକ୍ଷରୁ ୭୮ ତମ...

ରହୁ ବୋଲି କହିଥିଲେ । ଶେଷରେ ନାଚ୍‌ର ସଭାପତି ତଥା କଥକ ଏବଂ ବୋଲିଓଡ଼ ନୃତ୍ୟାଙ୍ଗନା ରୋନାଲିସ ପଣ୍ଡା ନିଜର ଅନୁଭୂତି ତଥା ପିଲାମାନେ କିପରି ନିଜର ପ୍ରତିଭାକୁ ଆହୁରି ସନ୍ତୁଳିତ କରିପାରିବେ ସେହି ବିଷୟରେ କହିଥିଲେ ସଂଧ୍ୟାର କାର୍ଯ୍ୟକ୍ରମରେ ଅତିଥି ପରିଚୟ ନାଚର ସମ୍ପାଦକ ଅରୁନାଁଶୁ ପାଣିଗ୍ରାହୀ କରିଥିଲେ । ସଭା ପରିଚାଳନା କରିଥିଲେ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ସତ୍ୟମ୍ କୁମାର ମିଶ୍ର । ଅର୍ଚ୍ଛିଶା ପାଣିଗ୍ରାହୀ ଓ ଅଞ୍ଜେଲିକା କବି କାର୍ଯ୍ୟକ୍ରମ ପରିଚାଳନା ରେ ସାହାଯ୍ୟ କରିଥିଲେ ।

### ମୋଦୀଙ୍କୁ ଫୋନ୍ କଲେ...

ବାଂଲାଦେଶ ପାଇଁ ଭାରତ ସମର୍ଥନ ଦେବ । ସେ ବାଂଲାଦେଶରେ ହିନ୍ଦୁ ଓ ଅଳ୍ପସଂଖ୍ୟକଙ୍କ ସୁରକ୍ଷା ନେଇ ଆଶ୍ୱାସନା ଦେଇଛନ୍ତି ବୋଲି ମୋଦୀ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ମଧ ଏ ସମ୍ପର୍କରେ ବୟାନ ଜାରି କରାଯାଇଛି, ଦୁଇ ନେତାଙ୍କ ଭିତରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବା ସହିତ ବିକାଶ ପ୍ରସଙ୍ଗରେ ଚର୍ଚ୍ଚା ହେଇଥିବା କୁହାଯାଇଛି ।

### ବେଙ୍ଗଲ ସରକାରଙ୍କ ଉପରେ...

ଏ ଉପରେ ଶୁଣାଣି କରି ଏପରି ଘଟଣା ରାଜ୍ୟ ସରକାରଙ୍କ ବିଫଳତା ପାଇଁ ଦାୟୀ ବୋଲି କହିଛନ୍ତି । ଘଟଣାକୁ ଦୁଃଖଦପୂର୍ଣ୍ଣ ଦର୍ଶାଇ ହାଇକୋର୍ଟ ମୁଖ୍ୟ ବିଚାରପତି କହିଛନ୍ତି, ଆପଣ (ପୁଲିସ) କିଛି ବି ଘଟଣାରେ ସିଆରପିସିର ଧାରା ୧୪୪ ଲାଗୁ କରି ଦେଉଛନ୍ତି । ଯେତେବେଳେ ଏତେ ସଂଖ୍ୟକ ଲୋକେ ଆନ୍ଦୋଳନକୁ ଆସୁଥିଲେ, ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରିବାର ଅବଶ୍ୟକ ଥିଲା । କମସେ କମ୍ ୭,୦୦୦ ଲୋକ ଆସିପାରି ନଥାନ୍ତେ । ଏଭଳି ଘଟଣା ଡାକ୍ତର ଏବଂ ଡାକ୍ତରୀ କର୍ମଚାରୀଙ୍କ ମନୋବଳ ତଥା ଆତ୍ମବିଶ୍ୱାସ ଉପରେ ଘୋର ପ୍ରଭାବ ପକାଇଥାଏ । ଏପରି ପରିବେଶ ତିଆରି କରିବା ଉଚିତ୍, ଯେମିତି ସ୍ୱାସ୍ଥ୍ୟକର୍ମୀମାନେ ବିନା କୌଣସି ହିଂସାର ଭୟ ନକରି ନିଜର କର୍ତ୍ତବ୍ୟ ସମ୍ପାଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି । ଭବିଷ୍ୟତରେ ଏପରି ଘଟଣା ଯେପରି ନହୁଏ ସେଥିପ୍ରତି ତୁରନ୍ତ ଏବଂ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ଆହ୍ୱାନ କରିଛନ୍ତି କଲିକତା ହାଇକୋର୍ଟ ।

### ଇତିହାସ ରଚିଲା ଇସ୍ରୋ...

ଏଥିରେ ଇଲେକ୍ଟ୍ରୋ ଅପ୍ଟିକାଲ୍ ଇନଫ୍ରାଡ୍ ପେଲୋଡ୍ (ଇଓଆଇଆର), ଗ୍ଲୋବାଲ୍ ନେଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍-ରିଫ୍ଲେକ୍ଟୋମେଟ୍ରି ପେଲୋଡ୍ (ଜିଏନଏସଏସ-ଆର) ଏବଂ ଏସଆଇସି-ୟୁଭି ଡୋସିମିଟର ଅନ୍ତର୍ଭୁକ୍ତ । ଉତକ୍ଷେପଣ ପରେ ଇସ୍ରୋ ଅଧକ୍ଷ ଏସ ସୋମନାଥ କହିଛନ୍ତି ଏହା ଏକ ବଡ଼ ଉପଲବ୍ଧି । ବିପର୍ଯ୍ୟୟ ମନିଟରିଂ, ପରିବେଶ ମନିଟରିଂ ଇତ୍ୟାଦି କାର୍ଯ୍ୟଗୁଡ଼ିକ ପାଇଁ ପ୍ରତିଛବି କ୍ୟାପଚର କରିବାକୁ ଇଓଆଇଆର ପେଲୋଡ୍ ଡିଜାଇନ୍ କରାଯାଇଛି । ଏହି ପେଲୋଡ୍ ଦିନ ଏବଂ ରାତିରେ ଚିତ୍ର ସହଜରେ କ୍ୟାପଚର କରିପାରିବ । ସମୁଦ୍ର ପୃଷ୍ଠରେ ପବନକୁ ବିଶ୍ଳେଷଣ କରିବା, ମୃତ୍ତିକାର ଆର୍ଦ୍ରତାକୁ ଆକଳନ କରିବା, ବନ୍ୟା ଚିହ୍ନଟ କରିବା ପାଇଁ ରିମୋଟ ସେନ୍ସିଙ୍ଗ କ୍ଷମତା ପାଇଁ ଜିଏନଏସଏସ-ଆର ବ୍ୟବହୃତ ହେବ । ଏସଆଇସି ୟୁଭି ଡୋସିମିଟର ଗଗନୟାନ ମିଶନ୍ ପାଇଁ ଅତିବାଇଗଣି ରଶ୍ମୀ ଉପରେ ନଜର ରଖିବ ।

### ଲାଞ୍ଚ ନେଇ ଗିରଫ ହେଲେ...

ଯୋଜନା ଅନୁସାରେ ଅଙ୍ଗନବାଡି କର୍ମୀ ପ୍ରେମଶିଳା କହଁର ଆଜି ସମ୍ପୃକ୍ତ ଆଇସିଡିଏସ୍ ସୁପରଭାଇଜର ଶୈଳବାଳା ସାହୁଙ୍କୁ ୫ ହଜାର ଟଙ୍କା ଦେଇଥିଲେ । ଠିକ୍ ସେହି ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ଶୈଳବାଳାଙ୍କୁ ଧରିବା ସହିତ ତାଙ୍କଠାରୁ ଲାଞ୍ଚ ଅର୍ଥ ଜବତ କରିଥିଲେ ।

### କଂଗ୍ରେସରୁ ଇସ୍ତଫା...

ସାଧାରଣ ନିର୍ବାଚନରେ ଶ୍ରୀ ପଟ୍ଟନାୟକ ପାରଳାଖେମୁଣ୍ଡିରୁ ନିର୍ବାଚନ ଲଢ଼ି ଥିଲେ । ହେଲେ ସେହି ନିର୍ବାଚନରେ ସେ ପରାଜୟ ବରଣ କରିଥିଲେ । କଂଗ୍ରେସରୁ ଇସ୍ତଫା ପରେ ବିଜୟ ପଟ୍ଟନାୟକ କହିଛନ୍ତି, ମୁଁ ଦେଖିଲି ଦଳରେ ମୋର କିଛି ପ୍ରେଷ୍ଟିଜ ନାହିଁ । ସ୍ଥାନ ମଧ ନାହିଁ । ମୁଁ ଅନୁଭବ କଲି ଦଳ ପାଇଁ କିଛି ୟୁଜ୍‌ଫୁଲ୍ ହେଉନି । ଅନ୍ୟ ଦଳକୁ ଯିବାର ନାହିଁ । ଲୋକଙ୍କ ପାଖକୁ ଯିବି । ଲୋକଙ୍କ ସେବା କରିବାର ଅଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ଖଇରାରେ ବିଭିନ୍ନ ଅନୁଷ୍ଠାନରେ ୭୮ତମ ସ୍ୱାଧିନତା ଦିବସ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଖଇରା, ୧୬/୮ (ନି.ପ୍ର): ଖଇରା ସାମ୍ବାଦିକ ସଂଘ ପକ୍ଷରୁ ୭୮ତମ ସ୍ୱାଧିନତା ଦିବସ ହର୍ଷୋଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ପ୍ରଥମେ ଖଇରା ସାମ୍ବଦିକ ସଂଘର ସଭାପତି ଉତ୍କଳବନ୍ଧୁ ପଣ୍ଡାଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା । ସାଧାରଣ ସମ୍ପାଦକ ବଳରାମ ଲେଙ୍କା,କୋଷାଧକ୍ଷ ଧନଞ୍ଜୟ ପଣ୍ଡା,ଉପସଭାପତି ତପୋଧନ ବାରିକ,ବରିଷ୍ଠ ସଭ୍ୟ ପଦ୍ମଲୋଚନ ଦାସ,ମନୋଜ କୁମାର ପ୍ରଧାନ,ସଞ୍ଜୟ କୁମାର ବେହେରା,ନିଶିକାନ୍ତ ମହାନ୍ତି,ସମ୍ଭୁନାଥ ନାୟକ,ସତ୍ୟଭାମା ପ୍ରଧାନ,କରୁଣାକର ବିଶ୍ୱାଳ,ଆଲୋକ କୁମାର ପଣ୍ଡା,ରଘୁନାଥ ସାମଲ,ପ୍ରଶାନ୍ତ ବେହେରା,ଦେବବ୍ରତ ଦାସ,ନରେନ୍ଦ୍ର ପ୍ରସାଦ ବେହେରା,ଛାୟାକାନ୍ତ ମହାନ୍ତି,ବିସ୍ମୟ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ଅର୍ଜୁନପୁରସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ଶଶିକାନ୍ତ ବେହେରା,ଶିକ୍ଷୟତ୍ରୀ କୌଶଲ୍ୟା ଜେନା,ଶିକ୍ଷକ ବିଶ୍ୱଜିତ ମୁଦୁଲି,ମୃତ୍ୟୁଞ୍ଜୟ ନାୟକ ଓ ସୁଜିତ କୁମାର ବେହେରା ଙ୍କ ସମେତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ସେହିପରି ଆଲସ୍ଥିତ ଅଗ୍ରଣୀ ଏକ୍ସଲ୍ୟାଣ୍ଟକମ୍ପ୍ୟୁଟର ଅନୁଷ୍ଠାନରେ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ବଳରାମ ଲେଙ୍କା ପତାକା ଉତ୍ତୋଳନ କରିଥିବା ବେଳେ ଅନୁଷ୍ଠାନର ଅଧ୍ୟାପକ ଶୁଶାନ୍ତ କୁମାର ଶଙ୍ଖୁଆ , ଅନୁଷ୍ଠାନ ପରିଚାଳକ ଧନଞ୍ଜୟ ପଣ୍ଡା ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ ।



# ଇଫ୍‌କୋ ପରିସରରେ ୭୮ତମ ସ୍ୱାଧୀନତା ଦିବସ ପାଳିତ



ପାରାଦ୍ୱୀପ , ୧୬/୮ (ନି.ପ୍ର): ପାରାଦ୍ୱୀପ ଇଫକୋ ସାର କାରଖାନା ପରିସରରେ ୭୮ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅବସ୍ଥି । ପାରାଦୀପ ୟୁନିଟ୍ ?ର ମୁଖ୍ୟ କେ.ଜେ.ପଟେଲଙ୍କ ଉପସ୍ଥିତିରେ ଡ. ଅବସ୍ଥି କହିଥିଲେ ଇଫକୋ ସମଗ୍ର ଦେଶରେ କୃଷକମାନଙ୍କ ପାଇଁ ସର୍ମପିତ । କୃଷକମାନଙ୍କ ପାଇଁ ନାନୋ ଡିଏପି, ନାନୋ ୟୁରିଆ ପ୍ରସ୍ତୁତ କରି କୃଷିର ବିକାଶ ସହିତ ଦେଶର ବିକାଶ ପାଇଁ କାର୍ଯ୍ୟ କରୁଛି । ଆଜାଦି କି ଅମୃତ ମହୋତ୍ସବ ଅବସରରେ ଇଫକୋ ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରି ପାରିଛି । ସମବାୟଭିତ୍ତିକ ସାର କାରଖାନା ଭାବେ ଇଫକୋ ସମଗ୍ର ବିଶ୍ୱରେ କୃଷି ଓ କୃଷକମାନଙ୍କ ସାମଗ୍ରି ବିକାଶ କରିପାରୁଛି । ଏସଆଇଏସ୍ ସିକ୍ୟୁରିଟି ସଂସ୍ଥାର ଗାର୍ଡ, ଇଫକୋ ଡିଏଭି ସ୍କୁଲର ଛାତ୍ରଛାତ୍ରୀମାନେ ମୁଖ୍ୟ ଅତିଥି ଡ.ଅବସ୍ଥିଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରିଥିଲେ । ଜ୍ୟୋତି ଲେଡିଜ୍ କ୍ଲବ୍ ଏବଂ ଇଫକୋ ଡିଏଭି ସ୍କୁଲର ଛାତ୍ରଛାତ୍ରୀମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଇଫକୋ ଅଫିସର୍ସ ଆସୋସିଏସନର ସଭାପତି ସୁଶାନ୍ତ କୁମାର ଜେନା, ସାଧାରଣ ସମ୍ପାଦକ ସତ୍ୟଜିତ ଖୁଁଆ, ଇଫକୋ କର୍ମଚାରୀ ସଂଘର ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ତୃପ୍ତି ରଂଜନ ପୁହାଣଙ୍କ ସମେତ ଉଭୟେ ସଂଘର ସଦସ୍ୟ, ଇଫକୋ ଟାଉନସିପର ଅନ୍ତେବାସୀ ଏହି ଭବ୍ୟ ସମାରୋହରେ ଉପସ୍ଥିତ ଥିଲେ ।

# ବାଲିଆପାଳ ବ୍ଲକ ପ୍ରଶାସନର ସ୍ୱାଧୀନତା ସଂଗ୍ରାମୀଙ୍କୁ ହେୟ ଜ୍ଞାନ

ବାଲିଆପାଳ/ଲଙ୍ଗଳେଶ୍ୱର , ୧୬/୮ (ନି.ପ୍ର): ବାଲିଆପାଳ ବ୍ଲକ ପ୍ରଶାସନ ବାଲିଆପାଳ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ହେୟ ଜ୍ଞାନ କରୁଥିବା ଗୁରୁତର ଅଭିଯୋଗ ହୋଇଛି । ସଂଗ୍ରାମୀ ପରିବାରର ଦୟାଦ ମାନେ ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ମଧ ଆକର୍ଷଣ କରିଛନ୍ତି । ପ୍ରାୟେ ୨୦ ବର୍ଷ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସ୍ତମ୍ଭ ନିର୍ମାଣ କରାଯାଇ ଥିଲା । ମାତ୍ର ସ୍ତମ୍ଭରେ ଲେଖାଯାଇ ଥିବା ସଂଗ୍ରାମୀ ମାନଙ୍କ ନାମରେ ଅନେକ ତ୍ରୁଟି ଥିଲା । ଯାହାକୁ ସେତେବେଳର ବିଡ଼ିଓ ଙ୍କ ଦୃଷ୍ଟି କୁ ସ୍ଥାନୀୟ ଲୋକମାନେ ଆଣି ଥିଲେ । ତାହାକୁ ସଂଶୋଧନ କରାଯିବ ବୋଲି କୁହା ଯାଇ ଥିଲା । ମାତ୍ର ଦୀର୍ଘଦିନ ବିତି ଯାଇ ଥିଲେ ବି ସଂଶୋଧନ କରାଯାଇ ନାହିଁ ।ଅନ୍ୟ ପକ୍ଷରେ ସଂଗ୍ରାମୀ ସ୍ମାରକୀ ସ୍ତମ୍ଭଟି ଏବେ ଭାଙ୍ଗି ରୁଜି ଯାଇ ଥିଲେ ବି ପ୍ରଶାସନ ର ନଜର ଅଦ୍ୟାବଧି ପଡ଼ିନାହିଁ । ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ, ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ, ସୁବର୍ଣ୍ଣ ରେଖା ପ୍ରେସ କ୍ଲବ, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ଆଦି ସଂଗଠନ ଗୁଡିକ ବାରଂ ବାର ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି ଅଦ୍ୟାବଧି କିଛି ବି ହୋଇ ନାହିଁ ।ଏହାକୁ କେନ୍ଦ୍ରକରି ସଂଗ୍ରାମୀ ପରିବାରର ଦାୟାଦମାନେ ଆନ୍ଦୋଳନକୁ ଓହ୍ଲେଇବେ ବୋଲି ଚେତାବନୀ ଦେଇଛନ୍ତି ।

# ବାଜପେୟୀଙ୍କ ବିକାଶରାଜନୀତି ତାଙ୍କୁ ଚିରକାଳ ଅମର ରଖିବ: ବସ୍ତାରେ ନିର୍ମାଣ ହେବ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି

ବସ୍ତା , ୧୬/୮ (ନି.ପ୍ର): ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ବସ୍ତାରେ ଏକ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ନିର୍ମାଣ ହେବା ପାଇଁ ଆଜି ଆୟୋଜିତ ଶ୍ରାଦ୍ଧ ସଭାରେ ଜନମତ ପ୍ରକାଶ ପାଇଛି । ବସ୍ତା ଅଟଳ ବିହାରୀ ବାଜପେୟୀ ସ୍ମୃତି କମିଟି ତରଫରୁ ଆଜି ମଥାନୀ ନୂଆ ବସଷ୍ଟାଣ୍ଡ ନିକଟସ୍ଥ 'ଶରତ ଦାଶଙ୍କ ପ୍ରାଙ୍ଗଣ'ରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ନିକଟସ୍ଥ ଜଳକା ନଦୀରେ ତିଳ ତର୍ପଣ ପରେ ସଭାମଞ୍ଚ ରେ ତାଙ୍କ ଫଟୋଚିତ୍ର ରେ ପୂଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ସଭା ପ୍ରାରମ୍ଭରେ ଜୟନ୍ତୀ କମିଟିର ସମ୍ପାଦକ ଧିରେନ ସେଠୀ କାର୍ଯ୍ୟକ୍ରମ ର ବିବରଣୀ ପ୍ରଦାନ କରିଥିଲେ । ମୂଖ୍ୟବକ୍ତା କମିଟିର ସଭାପତି ବରିଷ୍ଠ ବିଜେପି ନେତା ଶ୍ୟାମା ପ୍ରସାଦ ବେହେରା ବର୍ଷ ତମାମ କିଭଳି ବାଜପେୟୀଙ୍କ ଆଦର୍ଶବାଦର ପ୍ରଚାର ପ୍ରସାର କରାଯିବ ତା'ର ଖସଡ଼ା ପ୍ରସ୍ତୁତି କରିଥିଲେ । ଅତିଥି ଭାବେ କୃଷକ ମୋର୍ଚ୍ଚା ର ରାଜ୍ୟ ସଂଯୋଜକ ଅଜୟ କୁମାର ସାହୁ, ସରପଞ୍ଚ ରାଧାକୃଷ୍ଣ ବେହେରା, ବରିଷ୍ଠ ନେତା ବିକାଶ ଗିରି, ପୂର୍ବତନ ସମିତି ସଭ୍ୟ ରାଧାଶ୍ୟାମ ମହାପାତ୍ର ଓ ବାସୁଦେବ ପଣ୍ଡା ପ୍ରମୁଖ ବାଜପେୟୀଙ୍କ ସୁଶାସନ, ରାଜପଥ ନିର୍ମାଣ, କାରଗିଲ ଯୁଦ୍ଧ, ଶିକ୍ଷା ଓ ବୈଦେଶିକ ନୀତି ସମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବିଶ୍ୱନାଥ ସିଂ, ପ୍ରକାଶ କୁଣ୍ଡୁ, ପତ୍ରକାର ରାମଚନ୍ଦ୍ର ଦେବ, ଶିବାନନ୍ଦ ଦାଶ,ସୁଶାନ୍ତ ପ୍ରଧାନ, ରାସ ବିହାରୀ ଦାସ ଅଧିକାରୀ, ଫର୍ଣ୍ଣାଲ ବିଶ୍ୱାଳ,ମନୋଜ ବେହେରା, ଦିଲ୍ଲୀପ ପଣ୍ଡା, ଅଦ୍ୱୈତ ଜେନା,ମନୋଜ ସାମଲ, ସରୋଜ ପ୍ରଧାନ, ନରେନ୍ଦ୍ର ସେଠୀ,ରବି ରାଉଳ କମଳା କାନ୍ତ ପରିଡା,ଶରତ ବାରିକ ପ୍ରମୁଖ ବାଜପେୟୀଙ୍କ ବହୁମୁଖି ପ୍ରତିଭାର ଗୁଣଗାନ କରିଥିଲେ । ବାହାର୍ଦ୍ଦା ପଞ୍ଚାୟତ ସଭାପତି ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।ସଭାପରେ ପ୍ରସାଦ ସେବନ ହୋଇଥିଲା ।

# ବଜ୍ରାଘାତରେ ଯୁବଚାଷୀ ମୃତ: ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀଙ୍କ ଦାବି

ନୀଳଗିରି , ୧୬/୮ (ନି.ପ୍ର): ନୀଳଗିରି ବ୍ଲକ ମାଟିଆଳୀ ପଞ୍ଚାୟତ ଗୋବିନ୍ଦପୁରା ଗ୍ରାମରରେ ବଜ୍ରାଘାତ ଯୋଗୁଁଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ଗୋବିନ୍ଦପୁରା ଗ୍ରାମର ଯଦୁନାଥ ସିଂ ଙ୍କ ପୁଅ ରଣଜିତ୍ ସିଂ (୨୪) ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୮ ସମୟରେ ଘରୁ ବାହାରି ନିକଟସ୍ଥ ବିଲକୁ ଧାନ ରୋଇବା ପାଇଁ ଯାଇଥିଲେ । କ୍ଷେତରେ ଧାନ ରୋଇବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା । ସଙ୍ଗେ ସଙ୍ଗେ ଯୁବକ ରଣଜିତ୍ ଟଳି ପଡ଼ିଥିବା ବେଳେ ତାଙ୍କ ଶରୀରର ଅଧିକାଂଶ ସ୍ଥାନ ଜଳିଯାଇଥିବାର ଦେଖାଯାଇଥିଲା । ଏଥି ସହିତ ତାଙ୍କ ପକେଟରେ ଥିବା ମୋବାଇଲ ଫୋନ ଜଳିଯାଇଥିଲା । ତୁରନ୍ତ ପରିବାର ଲୋକ ସହିତ ସ୍ଥାନୀୟ ଲୋକ ନୀଳଗିରି ହସ୍ପିଟାଲ୍ ଆଣିଥିଲେହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ରଣଜିତ୍ ଜଣେ ଦିନ ମଜୁରୀଆ ଗରୀବ ଯୁବଚାଷୀ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

# ଉପଖଣ୍ଡସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳିତ

ନୀଳଗିରି, ୧୬/୮ (ନି.ପ୍ର): ୧୯୪୭ ମସିହା ଆଜିର ଦିବସରେ ଭାରତ ସ୍ୱାଧୀନତା ହାସଲ କରିଥିଲା । ଅନେକ ଯୁଗପୁରୁଷଙ୍କ ଆତ୍ମ ବଳିଦାନ, ଅହିଂସା ସଂଗ୍ରାମର ପୁଣ୍ୟଫଳ ସ୍ୱାଧୀନତା ।ସେହି ଦିନକୁ ସ୍ମରଣୀୟ କରିବାପାଇଁ , ବର୍ତ୍ତମାନ ର ଯୁବପୀଢ଼ିଙ୍କୁ ନିଜ ଦେଶର ପୂର୍ବସୂରୀ ମାନଙ୍କ ଶୌର୍ଯ୍ୟ ଓ ପରାକ୍ରମକୁ ନିଜ ମଧରେ ଅନୁଭବ କରିବା ପାଇଁ,ସମଗ୍ର ଦେଶରେ ଉକ୍ତ ଦିବସକୁ ମହାସମାରୋହ ରେ ପାଳନ କରାଯାଉଛି । ଅନୁରୂପ ଭାବେ ଗୁରୁବାର ୯.୧୫ ମିନିଟ୍ ସମୟରେ ନୀଳଗିରି ଥାନା



ପଡ଼ିଆରେ ୭୮ ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପତାକା ଉତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ନୀଳଗିରି ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ଯୋଗଦେଇ ସ୍ୱାଧୀନତା ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଏହାର ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ଜନତା ଏବଂ ଛାତ୍ରଛାତ୍ରୀ ମାନଙ୍କୁ ନିଜ ଅଭିଭାଷଣରେ ସମ୍ୟକ୍ ଦିଗ୍‌ଦର୍ଶନ ଦେଇଥିଲେ । ଏହି ଉତ୍ସବରେ ଉପଖଣ୍ଡର ୪୨ ଟି ଟ୍ରୁପ ଭାଗନେଇ ପ୍ୟାରେଡରେ ଅଂଶ ଗ୍ରହଣ କରିଥିଲେ । ପରେ ସ୍କୁଲ କଲେଜ ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ୟାରେଡ ଭାଗନେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ଙ୍କ ଦ୍ୱାରା ଟ୍ରଫି ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ କୁ ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ସୁଚାରୁ ରୂପେ ପରିଚାଳନା କରିଥିବା ଦେଖାଯାଇଛି ।

# ଆଦାନୀ ଧାମରା ବନ୍ଦର ୭୮ ତମ ସ୍ୱାଧୀନତା ଦିବସ ପାଳିତ

ଧାମରା, ୧୬/୮ (ନି.ପ୍ର): ଆଦାନୀ ଧାମରା ବନ୍ଦର ପରିସରରେ ୭୮ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ଏହି ଶୁଭ ଅବସରରେ ଧାମ୍ରା ବନ୍ଦରର ସିଇଓ ଦେବେନ୍ଦ୍ର ଠାକୁର ତ୍ରି ରଙ୍ଗର ପତାକା ଉତ୍ତୋଳନ କରି ଦେଶପ୍ରେମ କାର୍ଯ୍ୟକ୍ରମରେ କମ୍ପାନୀକୁ ଆଗେଇ ନେଇଥିଲେ । ଏହି କାର୍ଯ୍ୟକ୍ରମଟି ଏକ ପୁଷ୍ପମାଲ୍ୟ ଅର୍ପଣ ସମାରୋହ ଏବଂ ଅମର ଯବାନ ଜ୍ୟୋତି ଠାରେ ପ୍ରଦୀପ ପ୍ରଜ୍ୱଳନ ସହିତ ଆରମ୍ଭ ହୋଇଥିଲା, ଯାହା ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସାହସୀ ସ ଶ୍ୱକ୍ତକ୍ଷୟସରକ୍ଷ୍ୱଶ୍ୱ ନିକମାନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତାର ପ୍ରତୀକ ଅଟେ । ସେ ଆମର ଜାତୀୟ ହିରୋମାନଙ୍କ ବଳିଦାନକୁ ସମ୍ମାନିତ କରିଥିଲେ ଏବଂ ଦେଶର ଅଗ୍ରଗତି ପାଇଁ କମ୍ପାନୀର ଉତ୍ସର୍ଗୀକୃତତାକୁ ନିଶ୍ଚିତ କରିଥିଲେ । ଆଗକୁ ଚାହିଁ,




ଦେବେନ୍ଦ୍ର ଠାକୁର ଇଚଝରତ ପାଇଁ ଭବିଷ୍ୟତ ଯୋଜନାଗୁଡିକ ଏବଂ ବିଶେଷ ଭାବରେ, ୨୦୩୦ ସୁଦ୍ଧା ୧୦୦ ଏମଏମଟି ହାସଲ କରିବା ପାଇଁ ଡିପିସିଏଲ ପାଇଁ ଉଦ୍ଦିଷ୍ଟ ଲକ୍ଷ୍ୟ ବିଷୟରେ ବର୍ଣ୍ଣନା କରିଛନ୍ତି । ଏହି ମାଇଲଖୁଣ୍ଟରେ ପହଞ୍ଚିବା ପାଇଁ କମ୍ପାନୀର ରଣନୈତିକ ଦିଗ ତଥା କର୍ମଚାରୀଙ୍କ ଉତ୍ସର୍ଗ ଉପରେ ସେ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି । ଦେଶର ବିକାଶ ଏହି କାର୍ଯ୍ୟକ୍ରମ ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ସେ ସମସ୍ତ ଅଂଶଗ୍ରହଣକାରୀ, ଉପସ୍ଥିତ ବ୍ୟକ୍ତି ଏବଂ ଆୟୋଜକ ବିଭାଗ (ସୁରକ୍ଷା) କୁ ଧନ୍ୟବାଦ ଜଣାଇଥିଲେ ।

# ଆଜି ସାରା ଦେଶରେ ଡାକ୍ତର ଆନ୍ଦୋଳନ

ଭୁବନେଶ୍ୱର, ୧୬/୮ (ନି.ପ୍ର): ପଶ୍ଚିମବଙ୍ଗ ଆରଜି କର ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପ୍ରତିବାଦରେ ଆସନ୍ତାକାଲି (ଶନିବାର)ସାରା ଦେଶରେ ଡାକ୍ତରମାନେ ଆନ୍ଦୋଳନ ଡାକରା ଦେଇଛନ୍ତି । ଓଡିଶାରେ ମଧ୍ୟ ଏହି ପ୍ରତିବାଦର ପ୍ରଭାବ ଦେଖିବାକୁ ମିଳିବ । ଏନେଇ ଡିଏମଇଟି ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ ମିଶ୍ର କହିଛନ୍ତି ଯେ ସରକାରୀ ଚାକିରୀରେ ଥିବା ଡାକ୍ତର ଆନ୍ଦୋଳନ କରିବେନି । କେବଳ ମେଡିକାଲ କଲେଜ ଜୁନିଅର ଡାକ୍ତର ଓ ହାଉସ ସର୍ଜନ ଆନ୍ଦୋଳନ କରିବା ନେଇ ଜଣାଇଛନ୍ତି । ଜରୁରୀକାଳୀନ କାମ ସମସ୍ତେ କରିବେ. ଯେଉଁ ଫ୍ୟାକଲଟି ଡାକ୍ତର ଅର୍ଥାତ ସିନିଅର ଡାକ୍ତରମାନେ ଅଛନ୍ତି, ସେମାନେ ଆଉଟଡୋର ବା ଇଣ୍ଡୋର କାମ ଦେଖିବେ । ଡାକ୍ତରୀ ସେବା ନିଶ୍ଚିତ ଭାବେ ପ୍ରଭାବିତ ହେବ । ହେଲେ ଯେଉଁମାନେ ଅଛନ୍ତି, ସେମାନଙ୍କୁ ଅଧିକାର କାମ କରିବାକୁ ପଡିବ ।

# ହରପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୮ତମ ସ୍ୱାଧିନତା ଦିବସ ପାଳିତ



ଲଙ୍ଗଳେଶ୍ୱର/ବାଲିଆପାଳ, ୧୬/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଗ୍ରାମର ହରପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ୭୮ତମ ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି । ଏହି ଅବସର ବିଦ୍ୟାଳୟ ପରିସର ରେ ଅତିଥି ମାନଙ୍କ ଦ୍ୱାରା ଜାତୀୟ ପତକା ଉତ୍ତୋଳନ,ଛାତ୍ରୀ ଛାତ୍ର ମାନଂକ ଦ୍ୱାର ଜାତୀୟ ସଙ୍ଗୀତ ଗାନ, ପ୍ରଭାତ ଫେରି କାର୍ଯକ୍ରମ ଅନୁଷ୍ଠିତ ହୋଇଥଲା । ପ୍ରଭତ ଫେରି ସମୟ ରେ ଶହ ଶହ ଛାତ୍ରୀ ଛତ୍ର ବୀର ବାଦ୍ୟ ର ତଳେ ତାଳେ ବିଦ୍ୟାଳୟ ରୁ ବାହାରି ଜାତୀୟ ସଂଗୀତ ଗାନ ସହିତ ସ୍ୱାଧୀନତା ସଂଗ୍ରାମୀ ଙ୍କ ଜୟଧ୍ୱନୀରେ ସ୍ଥାନୀୟ ଅଂଚଳ କୁ ପ୍ରକମ୍ପିତ କରୁଥିଲେ । ପ୍ରଭାତ ଫେରି ପରେ ପିଲା ମାନେ ବିଦ୍ୟାଳୟକୁ ଫେରିବା ପରେ ବିଦ୍ୟାଳୟର ପ୍ରଧାଶିକ୍ଷକ ଶ୍ରୀକାନ୍ତ ମାହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାସ, ମୁଖ୍ୟ ବକ୍ତା ଭାବରେ ପୂର୍ବତନ ହିନ୍ଦୀ ଶିକ୍ଷକ ଅଜୟ କୁମାର ମହାନ୍ତି,ସମ୍ମାନୀତ ଅତିଥି ଭାବରେ ଏସଏମସିର ସଭାପ୍ତି ଭକ୍ତି ପଦ ଗିରି,ଏସଏମସି ସଦସ୍ୟ ଅନନ୍ତ ରାଉତ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଂକ ମଧ୍ୟରେ ଶିକ୍ଷକ ଶ୍ରୀକାନ୍ତ ଦାସ, ସପନ କୁମାର ଦତ୍ତ, ପ୍ରଶାନ୍ତ ନାୟକ, ଲକ୍ଷ୍ମୀକାନ୍ତ ସିଂ, ପୂର୍ଣ୍ଣିମା ସେଠୀ, ଝରଣା ବେହେରା, ସୁମିତ୍ରା ହାସଦା, ମମତା ପଡ଼ିଆରୀ ଙ୍କ ସହିତ ଅନ୍ୟ ଶିକ୍ଷୟତ୍ରୀ ଶିକ୍ଷକ ଅନ୍ୟାନ୍ୟ ଏସଏମସିର ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ । ସେହିପରି ପଞ୍ଚୁପାଲି ପଞ୍ଚାୟତର ପଞ୍ଚୁପାଲି ମହାଦେବମନ୍ଦିର ପ୍ରାଙ୍ଗଣରେ ସ୍ୱାଧୀନତା ଦିବସ ପାଳନ ଅବସରେ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ୨୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ପଞ୍ଚାୟତ ସଭାପତି ଧର୍ମପଦ ଗିରି,ବଟକୃଷ୍ଣ ଗିରି, ସାମ୍ବାଦିକା ପ୍ରତିମା ଜେନା,ଗୋପନାରାୟଣ ଜେନା,କମଳ ଲୋଚନ ଗିରି,ରାଧାଶ୍ୟାମ ପ୍ରଧାନ,କମଳାକାନ୍ତ ଗିରି,ରାଧାକୃଷ୍ଣ ମଣ୍ଡଳ,ପ୍ରତାପ ମଲ୍ଲିକ,ଲେଖିକା ମାହେଶ୍ୱରୀ ଗିରି,ଉମେଶ ଗିରି ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଲଳିତେଶ୍ୱରୀ କାଳି ମନ୍ଦିର ଯୋଗ କେନ୍ଦ୍ରରେ ସ୍ୱାଧୀନତା ଦିବସ ପାଳିତ

ବାଲେଶ୍ୱର, ୧୬/୮ (ନି.ପ୍ର): ବାଲେଶ୍ୱର ବିବେକାନନ୍ଦ ମାର୍ଗ ସ୍ଥିତ ଲଳିତେଶ୍ୱରୀ ଯୋଗ କେନ୍ଦ୍ରରେ ୭୮ତ୍ମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପଦାର୍ଥବିତ ତଥା ଯୋଗଗୁରୁ ଶ୍ରୀ ସୁଜିତ କୁମାର ଜେନା ପତାକା ଉତ୍ତୋଳନ କରିଥିଲେ । ପ୍ରଭାତରେ ଏକ ଶୋଭାଯାତ୍ରା ସାଧକ ସାଧିକାମାନଙ୍କ ଦ୍ୱାରା ସହର ପରିକ୍ରମା ପରିଥିଲା । ଏଥିରେ ଯୋଗକେନ୍ଦ୍ରରେ ବୟୋଜ୍ୟୋଷ୍ଠ ଧ୍ୱନିପ୍ରତିଧ୍ୱନୀର ସମ୍ପାଦକ ଶ୍ରୀ ସୃଷ୍ଟିଧର ପରିଡ଼ା, ଶ୍ରୀ ନାରାୟଣର ପାତ୍ର, ଶ୍ରୀକାମିନୀକାନ୍ତ ପାଢ଼ୀ, ମୀନା ସେଠୀ, ମନ୍ଦାକିନୀ ଦାସଙ୍କ ସମେତ ଜ୍ୟୋତ୍ସ୍ନା ଜେନା, ଅର୍ଚ୍ଚନା କର, ରେଣୁକା ଜେନା, ରୀତା ରାଉତ, କବିତା ସାମଲ, ମଧୁସ୍ମିତା ସେନାପତି, ସୀତା ବେହେରା, ସୁଜାତା ପଣ୍ଡା, ଜୟନ୍ତୀ ନାୟକ, ସ୍ନେହଲତା ଦାସପତି, ବିଜୟଲକ୍ଷ୍ମୀ ଜେନା, ଶର୍ମିଳୀ ସାମନ୍ତରାଏ, ରୀତା ସାହୁ, ମାୟା ସରାଓ୍ୱର୍ଗ, ପୂର୍ଣ୍ଣିମା ସିଟ, ତୃପ୍ତି ପୋଥାଳ, ଦିପ୍ତୀମୟି ଦାସ, ଦୀପାଳି ଦେ, ମନସ୍ୱନୀ ଜେନା, ରଞ୍ଜନ ସାହୁ, ସୂର୍ଯ୍ୟ ପୋଥାଳ, ଭୁବନେଶ୍ୱର ରାଉତ, ବ୍ୟାସଦେବ ରାଉତ, ବିଶ୍ୱନାଥ ସିଂ, ସଞ୍ଜୟ ସେନାପତି, ଦିବାକର ପରିଡ଼ା, ଶଶିକାନ୍ତ ମହାନ୍ତି, ଧ୍ରୁବଚରଣ ବେହେରା, ଭୂପତି ବାରିକ, ପ୍ରଦୀପ ସେନାପତି, କେଶବ ନାୟକ ପ୍ରଭୃତି ଯୋଗ ଦେଇଥିଲେ ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo